

ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି,
ସେ ପ୍ରକୃତ ଅର୍ଥରେ ଅମର ହୋଇଯାଇଛି।
- ଆରିଷ୍ଟଟଲ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହର ଉଦ୍‌ଘାଟନ, ସ୍କୁଲ ପରିସର, ଲକ୍ଷ୍ମୀସାଗର, ପୂର୍ବାହ୍ନ ୧୦ଟା ୩୦।
- ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ଇନଫର୍ମେଶନ ସାଇନ୍ସ (ଆଇଏମ୍‌ଆଇଏସ୍)ର ୨୩ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ, କ୍ୟାମ୍ପସ ପରିସର, ସ୍ୱାଗତ ବିହାର, ବଙ୍କୁଆଳ, ଟଙ୍କପାଣି ରୋଡ, ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ସମାରୋହ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ୟୁନିୟନ ଅଫ ୱାର୍କିଂ ଜର୍ନାଲିଷ୍ଟ ପକ୍ଷରୁ ଜାତୀୟୀ ପ୍ରେସ ଦିବସ, ରେଡକ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ଜୟଦେବ ବିହାର ସରସ୍ୱତୀ ଶୁଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ, ସିଆର୍‌ପିଏଫ୍ କ୍ୟାମ୍ପସ୍ ଷ୍ଟାଡିୟମ, ପୂର୍ବାହ୍ନ ୧୧ଟା।
- ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରେସ ଦିବସ, ସୂଚନା ଭବନ, ଅପରାହ୍ନ ୩ଟା ୩୦।
- ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି ପକ୍ଷରୁ ଜାତୟସ୍ତରୀୟ କଳା ପ୍ରଦର୍ଶନ, ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି, ଫରେଷ୍ଟ ପାର୍କ, ଅପରାହ୍ନ ୫ଟା।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶ୍ରୀନୃତ୍ୟୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଶିଶୁ ଏବଂ ଯୁବ ମହୋତ୍ସବ 'ଅଞ୍ଜଳି', ରେଲ୍‌ୱେ ଅଡିଟୋରିୟମ, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୬ଟା।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ସୁରଭିର ଉଦ୍‌ଯାପନୀ ଉତ୍ସବ, ୟୁନିଟ୍ ୯ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସନ୍ଧ୍ୟା ୬ଟା।

**କଟକ**

- ଶୈଳବାଳା ମହିଳା ମହାବିଦ୍ୟାଳୟର ୟୁଥ ରେଡକ୍ରସ୍ ପକ୍ଷରୁ ରକ୍ତଦାନ ଶିବିର, ମଧୁସୂଦନ ମେମୋରିଆଲ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ, ମୋ କଟକ ପାଭିଲିଆନ, ବାଲିଯାତ୍ରା ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।

**ପୁରୀ**

- ସାହିତ୍ୟ ଏକାଡେମୀର ଜାତୀୟ ଆଲୋଚନାଚକ୍ର, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।
- ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ଦିବସ, ସଦଭାବନା ଗୃହ, ପୂର୍ବାହ୍ନ ୧୧ଟା।
- ଦି ମିଡିଆ ପକ୍ଷରୁ ଜାତୀୟ ପ୍ରେସ ଦିବସ, ରାଣୀସତୀ ଭବନ, ଅପରାହ୍ନ ୩ଟା ୪୫।
- ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ଅପରାହ୍ନ ୫ଟା ୩୦।

**ବାଲିଅନ୍ତା**

- ୩୩ତମ ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଉତ୍ସବ, ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, ବେଣୁପୁର, ଅପରାହ୍ନ ୩ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଆରମ୍ଭ ହେଲା '୧୦୪ ହେଲ୍‌ଥ ହେଲ୍ପଲାଇନ୍'

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

- ଫୋନ୍‌ରେ ମିଳିବ ଡାକ୍ତରଙ୍କ ପରାମର୍ଶ
- ସରକାରୀ ସ୍ୱାସ୍ଥ୍ୟସେବା, ଡାକ୍ତରଖାନାର ସମସ୍ତ ତଥ୍ୟ
- ୨୪ ଘଣ୍ଟିଆ ମିଳିବ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା

ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ଏବଂ ପରାମର୍ଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ '୧୦୪ ହେଲ୍‌ଥ ହେଲ୍ପଲାଇନ' ସେବା ଶୁଭାରମ୍ଭ କରାଯାଇଛି। ରାଜ୍ୟରେ ପ୍ରଥମଥର ପାଇଁ ଆରମ୍ଭ ହୋଇଥିବା ଏହି ସେବା ମାଧ୍ୟମରେ ହିତାଧିକାରୀମାନେ ଦେୟମୁକ୍ତ ୧୦୪ ନମ୍ବରକୁ ଫୋନ୍ କରି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସୂଚନା ଓ ତଥ୍ୟ ପାଇପାରିବେ। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ସେବା ପାଇବାକୁ ଦିନରାତି ଯେକୌଣସି ସମୟରେ ଲୋକେ ଯୋଗାଯୋଗ କରିପାରିବେ। ପ୍ରଜନନ ସ୍ୱାସ୍ଥ୍ୟ, ମାତୃ ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ, କିଶୋରୀ ସ୍ୱାସ୍ଥ୍ୟ ତଥା ଅନ୍ୟ ସମସ୍ତ ରୋଗ ଓ ତାହାର ନିରାକରଣ ସମ୍ବନ୍ଧୀୟ ତଥ୍ୟ ଏହା ମାଧ୍ୟମରେ ପାଇହେବ।

ପ୍ରତ୍ୟେକ ଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏମ୍‌ବିବିଏସ୍ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଏହି ସେବା ମାଧ୍ୟମରେ ଲୋକେ ପାଇପାରିବେ। ଏହାବ୍ୟତୀତ ୨୪ଘଣ୍ଟା ପାଇଁ ଉପଲବ୍ଧ ହେଉଥିବା ସେବା ମଧ୍ୟରେ ନିକଟତମ ଯେକୌଣସି ସରକାରୀ ଡାକ୍ତରଖାନା, ରକ୍ତଭଣ୍ଡାର, ଔଷଧାଳୟ, ସ୍ୱତନ୍ତ୍ର ନିଦାନ ବ୍ୟବସ୍ଥା ଏବଂ ସହାୟ ଡାଏଲିସିସ୍ ବ୍ୟବସ୍ଥା ସମ୍ବଳିତ ତଥ୍ୟ ମଧ୍ୟ ମିଳିପାରିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ବନ୍ଧରେ ସୂଚନା ଏବଂ ଏହା ଅନ୍ତର୍ଭୁକ୍ତ ସମସ୍ତ ପଞ୍ଜୀକୃତ ଡାକ୍ତରଖାନା ଓ ସେଠାରେ ମିଳୁଥିବା ସେବା ସମ୍ବନ୍ଧୀୟ ସମସ୍ତ ସୂଚନା ଜନସାଧାରଣ ଏଠାରୁ ପାଇପାରିବେ। ମାନସିକ ସ୍ୱାସ୍ଥ୍ୟ, କିଶୋରୀ ସ୍ୱାସ୍ଥ୍ୟ, ଆତ୍ମହତ୍ୟା ନିବାରଣ, ପରିବାର ନିୟୋଜନ, ଏଚ୍‌ଆଇଭି ଏଡ୍‌ସ, ଖାଦ୍ୟ ଏବଂ ପୋଷଣ, ଆଶୁ ଚିକିତ୍ସା, ଶିଶୁ ଓ ମାତୃ ସ୍ୱାସ୍ଥ୍ୟସେବା ଜନିତ ତଥ୍ୟ ମଧ୍ୟ ମିଳିବ। ଗୁରୁତର ଅବସ୍ଥାରେ ଥିବା ଗର୍ଭବତୀ ମା'ଙ୍କ ପାଇଁ ସ୍ୱତନ୍ତ୍ର ଫୋନ୍-କଲ୍ ବ୍ୟବସ୍ଥା ରହିବ। ଏହି ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରି ଲୋକମାନେ ସିଧାସଳଖ ଡାକ୍ତରଙ୍କ ପରାମର୍ଶ ପାଇପାରିବେ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ବୋଲି ୧୦୪ ସ୍ୱାସ୍ଥ୍ୟସେବା ପରିଚାଳନା କରୁଥିବା ଜିକିତ୍ସା ହେଲ୍‌ଥକେୟାର ଲିମିଟେଡ ଓଡ଼ିଶା ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି। ଗରିବ ତଥା ଉପାନ୍ତ ଓ ଅପହଞ୍ଚ ଅଞ୍ଚଳବାସୀଙ୍କୁ ଉଚିତ ସ୍ୱାସ୍ଥ୍ୟସେବା ସଂପର୍କରେ ଅବଗତ କରାଇବା ପାଇଁ ଏହା ସାହାଯ୍ୟ କରିବ ବୋଲି ସେ କହିଛନ୍ତି।



୨୪ ଘଣ୍ଟିଆ ଦେୟମୁକ୍ତ ୧୦୪ ହେଲ୍‌ଥ ହେଲ୍ପଲାଇନ୍‌ର ଶୁଭାରମ୍ଭ।



ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ପ୍ରତିନିଧି ମଣ୍ଡଳୀ ସୂର୍ଯ୍ୟମନ୍ଦିର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ୭ ଦେଶର ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ପ୍ରତିନିଧି ମଣ୍ଡଳୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

**କୋଣାର୍କ, ୧୫।୧୧(ଡି.ଏନ୍.ଏ.)**

ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣର ସଭ୍ୟ ଲ୍ୟୁଟନାଣ୍ଟ ଜେନେରାଲ ଏନ୍‌ସି ମାରୱାଙ୍କ ନେତୃତ୍ୱରେ ଆସିଥିବା ୭ଦେଶର ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ପ୍ରତିନିଧି ଶୁକ୍ରବାର ପ୍ରଥମେ ରାମଚଣ୍ଡିଠାରେ ଫନୀରେ କ୍ଷତିଗ୍ରସ୍ତ ଅଞ୍ଚଳରେ ବୃକ୍ଷରୋପଣ କରିଛନ୍ତି। ପରେ ଜେନେରାଲ ମାରୱାଙ୍କ ନେତୃତ୍ୱରେ ଭାରତ, ଭୁଟାନ, ଥାଇଲାଣ୍ଡ, ଶ୍ରୀଲଙ୍କା, ନେପାଳ, ମ୍ୟାନମାର ଓ ବାଂଲାଦେଶ ଆଦି ୭ଟି ରାଷ୍ଟ୍ରର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପ୍ରତିନିଧିମାନେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ପାଇଁ ଆସିଥିଲେ। ମୁଖ୍ୟଫାଟକରେ ଏଏସଆଇର ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ ସେମାନଙ୍କୁ ସ୍ୱାଗତ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଐତିହ୍ୟ, ସଂସ୍କୃତି ଓ କଳାକୃତିର ସଂରକ୍ଷଣ ପାଇଁ ଆସନ୍ତା ଫେବୃଆରୀ ୧୧ରୁ ୧୩ତାରିଖ କୋଣାର୍କଠାରେ ହେବାକୁ ଥିବା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ମକଡ୍ରିଲର ପ୍ରାକ ପ୍ରସ୍ତୁତି ଓ କ୍ଷେତ୍ର ଚିହ୍ନଟ ନେଇ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷିରେ ସୁପରିଣ୍ଟେଣ୍ଡଣ୍ଟ ମଲ୍ଲିକ ସୂର୍ଯ୍ୟମନ୍ଦିରର ସ୍ଥିତି ଓ ଏହାର ପାରିପାର୍ଶ୍ୱିକ ବିକାଶ ଦିଗରେ କରାଯାଉଥିବା କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ୧୯୯୯ ଠାରୁ ୨୦୧୯ମସିହା ମଧ୍ୟରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଐତିହ୍ୟ ଓ ସଂସ୍କୃତି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଥିପାଇଁ ଜଳବାୟୁ ପରିବର୍ତ୍ତନ ମୁଖ୍ୟ ଦାୟୀ ବୋଲି ଲ୍ୟୁଟନାଣ୍ଟ ଜେନେରାଲ ମାରୱା ପରିଦର୍ଶନ ସମୟରେ କହିଛନ୍ତି। ଏହି ପ୍ରତିନିଧି ଦଳରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ମହାନିର୍ଦ୍ଦେଶକ ସତ୍ୟନାରାୟଣ ପ୍ରଧାନ, ବାଂଲାଦେଶ ଆଞ୍ଚଳିକ ନିର୍ଦ୍ଦେଶିକା ନହିଦ ସୁଲତାନା, ଭୁଟାନର କାର୍ଯ୍ୟକ୍ରମ ଅଧିକାରୀ ସରିଫ ଦରଜି, ମ୍ୟାନମାରର ନିର୍ଦ୍ଦେଶକ ନିଲାର ହ୍ଲୁନ, ନେପାଳ ଅନୁସଚିବ ବିକେ ଆଚାର୍ଯ୍ୟ ଏବଂ ଶ୍ରୀଲଙ୍କା ବିପର୍ଯ୍ୟୟ ପରିଚାଳନା ନିର୍ଦ୍ଦେଶକ ଏଚପି ସୁମନ ଶେଖର ସମେତ ୭ଗୋଟି ଦେଶର ୨୧ଜଣ ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ଥିଲେ।

## ଜାପାନିଜ୍ ଚଳଚ୍ଚିତ୍ର ଉତ୍ସବ ଉଦ୍‌ଘାଟିତ

# ଇଟ୍‌ସ ବ୍ୟୁଟିଫୁଲ ଲାଇଫ୍‌ରେ ସଫଳତାର ବାର୍ତ୍ତା

**ପୁରୀ ଅଫିସ, ୧୫।୧୧**

ନିଷ୍ଠା ଏବଂ ଏକାଗ୍ରତାର ସହିତ କାମ କଲେ କିଛି ବି ଅସମ୍ଭବ ନୁହେଁ। ପରିଣତ ବୟସରେ ବି ସଫଳତା ଆପଣଙ୍କ ପାଦ ଛୁଇଁବ। ଏମିତି ଏକ ବାର୍ତ୍ତା ଦେଇଥିଲା ଜାପାନିଜ୍ ଚଳଚ୍ଚିତ୍ର 'ଇଟ୍‌ସ ବ୍ୟୁଟିଫୁଲ ଲାଇଫ୍'। ପୁରୀର ଶ୍ରୀକୃଷ୍ଣ ସିନେମା ହଲ୍‌ରେ ଜାପାନ ସରକାରଙ୍କ ପକ୍ଷରୁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ତିନିଦିନିଆ ଜାପାନିଜ୍ ଚଳଚ୍ଚିତ୍ର ମହୋତ୍ସବ। ପ୍ରଥମ ଦିନରେ ଚଳଚ୍ଚିତ୍ର ଇଟ୍‌ସ ବ୍ୟୁଟିଫୁଲ ଲାଇଫ୍ ପ୍ରଦର୍ଶିତ ହୋଇଛି। ସତ୍ୟ ଘଟଣା ଉପରେ ଆଧାରିତ ଏହି ଚଳଚ୍ଚିତ୍ର ତିନିଜଣ ବୃଦ୍ଧାଙ୍କ ବାସ୍ତବ ଜୀବନକୁ ନେଇ ଗତିଶୀଳ ହୋଇଛି। ତୋକୁସିମାର କମ୍ ଜନସଂଖ୍ୟା ବିଶିଷ୍ଟ ଏକ ପାହାଡି ଅଞ୍ଚଳରେ ଏହି ବୟସ୍କାମାନଙ୍କ ମଧ୍ୟରେ ପିଲାଦିନରୁ ବନ୍ଧୁତା ଥିଲା। ସେମାନେ ପରିଣତ ବୟସରେ ବ୍ୟବସାୟ କଲେ। ଆରମ୍ଭରୁ ଲୋକମାନେ ସେମାନଙ୍କୁ ପରିହାସ କରିଥିଲେ। କିନ୍ତୁ କାହା କଥା ନ ଶୁଣି ସେମାନେ ତାଙ୍କ ବ୍ୟବସାୟରେ ଲାଗିପଡିଲେ। ଫଳରେ ତାଙ୍କ ବ୍ୟବସାୟ ବଢ଼ି ୨୬୦ ମିଲିୟନ ୟେନ୍‌ରେ ପହଞ୍ଚିଥିଲା। ଓସାମୁ ମିନୋରିକ୍ୱାଙ୍କ ନିର୍ଦ୍ଦେଶିତ ୧୧୨ ମିନିଟ୍‌ର ଏହି ଚଳଚ୍ଚିତ୍ରକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ସେହିପରି ଦ୍ୱିତୀୟ ଚଳଚ୍ଚିତ୍ର ଭାବେ ମାସାକାଜୁ ଫୁକତ୍ସୁଙ୍କ ନିର୍ଦ୍ଦେଶିତ 'ଡାଡ୍‌ସ ଲଞ୍ଚ ବକ୍ସ' ମଧ୍ୟ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜାପାନର ଭାଇସ୍ କନସୁଲ ଜେନେରାଲ ରିସା ତାମୁରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଲିକତାରେ ଅବସ୍ଥାପିତ ଜାପାନର କନସୁଲ୍ ଜେନେରାଲ କାର୍ଯ୍ୟାଳୟର ଗଣମାଧ୍ୟମ ଅଧିକାରୀ ସୁପ୍ରତୀକ ସିଲ୍ ରୟ ଯୋଗଦେଇଥିଲେ। ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର, କଲିକତାର କନସୁଲ ଜେନେରାଲ ଅଫ୍ ଜାପାନ, ଚନ୍ଦ୍ରଶେଖର ଏକାଡେମୀ, ଜାପାନ ଫାଉଣ୍ଡେଶନ ତଥା ଜାପାନ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେଉଛି। ଚଳଚ୍ଚିତ୍ରଗୁଡ଼ିକରେ ଜାପାନର ସଂସ୍କୃତି, ଶିକ୍ଷା ଓ ଜ୍ଞାନକୌଶଳ ପ୍ରଦର୍ଶିତ ହେଉଥିବା ଚନ୍ଦ୍ରଶେଖର ଏକାଡେମୀ ସଭାପତି କୁନା ଦାଶ କହିଛନ୍ତି।




ଜାପାନିଜ୍ ଚଳଚ୍ଚିତ୍ର ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଯୁବକଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଧୀନ ସାଲିଆସାହିର ଏକ ଘରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଶଙ୍କର ଦାଶ(୩୦)। ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି ପୋଲିସ। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୧୦/୧୯) ରୁଜୁ ହୋଇଛି। ପାରିବାରିକ କଳହକୁ କେନ୍ଦ୍ରକରି ଶଙ୍କର ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ କହିଛି। ସୂଚନା ଅନୁଯାୟୀ, ଶଙ୍କର ପରିବାର ସହ ସାଲିଆସାହିରେ ରହି ଦିନମଜୁରିଆ ଭାବେ କାମ କରନ୍ତି। ହେଲେ ଆର୍ଥିକ ସ୍ଥିତିକୁ ନେଇ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟ ଝଗଡ଼ା ଲାଗୁଥିଲା। ଶନିବାର ଅପରାହ୍ନ ୧ଟାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ସ୍ତ୍ରୀ ଲିପି ଅନ୍ୟ କୌଣସି କାମରେ ବାହାରକୁ ଚାଲିଯାଇଥିଲେ। ଏହି ସମୟରେ ଶଙ୍କର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସ୍ତ୍ରୀ ଲିପି ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ।

# ଗେଷ୍ଟ ହାଉସ୍‌ରେ ଯୁବତୀଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ):** ବରମୁଣ୍ଡା ଅଞ୍ଚଳର ଏକ ଗେଷ୍ଟ ହାଉସ୍‌ରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ କଟକ ଜିଲା ଗୋବିନ୍ଦପୁର ଅଞ୍ଚଳର ବାବୁଲି ସାହୁଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ବାବୁଲି ନୟାପଲ୍ଲୀ ଥାନା ଅଧୀନ ସାଲିଆସାହି ଅଞ୍ଚଳରେ ରହୁଥିଲେ। ତାଙ୍କର ପୁରୀ ଅଞ୍ଚଳର ଜଣେ ଯୁବତୀଙ୍କ ସହ ଭୁବନେଶ୍ୱରରେ ଦେଖାସାକ୍ଷାତ ହେବା ପରେ ବନ୍ଧୁତା ଗଢ଼ି ଉଠିଥିଲା। ଗତ ଅଗଷ୍ଟ ୧୯ ତାରିଖରେ ଉଭୟେ ଭୁବନେଶ୍ୱରରେ ବୁଲାବୁଲି କରିବା ପରେ ବରମୁଣ୍ଡା ଅଞ୍ଚଳରେ ଥିବା ଏକ ଗେଷ୍ଟ ହାଉସରେ ଏକାଠି ରହିଥିଲେ। ଉକ୍ତ ରାତିରେ ବାବୁଲି ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ଯୁବତୀ ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୪୪୦/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତ ବାବୁଲିଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ପୋଲିସ ପଚରାଉଚରା କରିବା ପରେ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଭାଜପା ଭୁବନେଶ୍ୱର ଜିଲା ସଭାପତିଙ୍କୁ ସଂଘବଦ୍ଧ ଆକ୍ରମଣ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

- ଖାରବେଳନଗର ଥାନାରେ ଏତଲା
- ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ଦେବାଶିଷ ନାୟକ ଅଟକ



ହରେକୃଷ୍ଣ ଖୁଣ୍ଟିଆ

ଭାଜପାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ତଥା କୋ-ଅପରେଟିଭ ସୋସାଇଟି ସଦସ୍ୟ ହରେକୃଷ୍ଣ ଖୁଣ୍ଟିଆଙ୍କୁ ଶୁକ୍ରବାର ମଧ୍ୟାହ୍ନରେ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ। ଏକାମ୍ର ହାଟ ନିକଟ କାର୍ଯ୍ୟାଳୟରେ ହରେକୃଷ୍ଣ ଥିବାବେଳେ ୯ଜଣ ଯୁବକ ମୁହଁରେ କପଡ଼ା ବାନ୍ଧି ଆସି ଲୁହା ପାଇପ୍‌ରେ ଆକ୍ରମଣ କରିବା ସହ ଅଫିସରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଆକ୍ରମଣରେ ହରେକୃଷ୍ଣଙ୍କ ଗୋଡ଼ ଓ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେବା ପରେ ସେ ଖାରବେଳନଗର ଥାନାରେ ଏକ ଏତଲା ଦେଇଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତିନିଧି ଦେବାଶିଷ ନାୟକ ଏବଂ ସମର୍ଥକମାନେ ତାଙ୍କୁ ଆକ୍ରମଣ କରିଥିବା ହରେକୃଷ୍ଣ ଅଭିଯୋଗ କରିଛନ୍ତି। ଏହି ଆଧାରରେ ଦେବାଶିଷଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଅନ୍ୟପକ୍ଷରେ ଥାନାରେ ହରେକୃଷ୍ଣଙ୍କ ସମର୍ଥକମାନେ ପହଞ୍ଚି ଆକ୍ରମଣକାରୀଙ୍କୁ ଗିରଫ ଦାବିକରି ହୋ ହଲ୍ଲା କରିଥିଲେ। ଡିସିପି ଅନୁପ କୁମାର ସାହୁ ପହଞ୍ଚି ହରେକୃଷ୍ଣଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ହରେକୃଷ୍ଣ ଗଣମାଧ୍ୟମକୁ କହିଛନ୍ତି, ରାଜନୈତିକ ଆକ୍ରୋଶରୁ ମୋତେ ଆକ୍ରମଣ କରାଯାଇଛି। ଏହା ପଛରେ ଭୁବନେଶ୍ୱର ଏମ୍‌ପି ପ୍ରତିନିଧି ଦେବାଶିଷ ନାୟକଙ୍କ ହାତ ରହିଛି। ସେମାନେ ଭୁବନେଶ୍ୱରକୁ ନିଜ ଆୟତ୍ତରେ ରଖିବାକୁ ଚେଷ୍ଟା କରୁଛନ୍ତି। ମୁଁ ସେମାନଙ୍କ ରାସ୍ତାରେ ପ୍ରତିବନ୍ଧକ ହେଉଥିବାରୁ ସେମାନେ ଏଭଳି ଆକ୍ରମଣ କରିଛନ୍ତି। ଅନ୍ୟପକ୍ଷରେ ଅପରାଜିତା କହିଛନ୍ତି, ହରେକୃଷ୍ଣଙ୍କୁ ଆକ୍ରମଣ ଘଟଣାରେ ମୁଁ ଦୁଃଖ ପ୍ରକାଶ କରୁଛି। ସେ ଭାଜପାର ଜଣେ ଭଲ କର୍ମୀ। ପୋଲିସ ଘଟଣାର ତଦନ୍ତ କରିବ। ଆକ୍ରମଣ ପଛରେ ଯେଉଁମାନଙ୍କର ସମ୍ପୃକ୍ତି ରହିଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ଖାରବେଳନଗର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ହରେକୃଷ୍ଣଙ୍କ ଅଭିଯୋଗ ଭିତ୍ତିରେ ଆମେ କେସ୍ ନଂ. ୩୧୦/୧୯ ରୁଜୁ କରି ଘଟଣାର ତଦନ୍ତ କରୁଛୁ। ସିସିଟିଭି ଫୁଟେଜକୁ ଜବତ କରି ଆକ୍ରମଣକାରୀଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଏୟାରପୋର୍ଟ ଥାନା ଅଞ୍ଚଳରେ ଜଣେ ଭାଜପା କର୍ମୀଙ୍କୁ ଦଳର ଅନ୍ୟ କର୍ମୀମାନେ ଆକ୍ରମଣ କରିଥିଲେ। ଯାହାକୁ ନେଇ ଦଳ ଭିତରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ପଦାରେ ପଡ଼ିଥିଲା।

# ଅମରେଶ ହତ୍ୟା ଘଟଣା: ଆଉ ୩ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଅମରେଶ ନାୟକ ହତ୍ୟା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଆଉ ୩ଜଣଙ୍କୁ ଶନିବାର ପୋଲିସ ଗିରଫ କରିଛି। ସେମାନେ ହେଲେ ସୁନ୍ଦରପଦାର ରଘୁ, ବବୁଲ ଓ ଉଙ୍କା। ଏମାନଙ୍କୁ ରାଜଧାନୀ ଓ ଏହାର ଉପକଣ୍ଠ ଅଞ୍ଚଳରୁ ଗିରଫ କରାଯାଇଥିବା ପୋଲିସ କହିଛି। ଗତ ୬ତାରିଖରେ ମୁଖ୍ୟ ଅଭିଯୁକ୍ତ ଶଙ୍କର ବସ୍ତିଆଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଥିଲା। ଫଳରେ ମୋଟ ଗିରଫ ସଂଖ୍ୟା ୬ ହେଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଆହୁରି ୮ଜଣ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

ସୂଚନା ଅନୁଯାୟୀ, ଅମରେଶ ଓ ମୁଖ୍ୟ ଅଭିଯୁକ୍ତ ଶଙ୍କରଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଥିଲା। ମାତ୍ର ପରେ ଦୁହିଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଫଳରେ ଉଭୟ ଗୋଷ୍ଠୀ ଭାଗ ହୋଇଯାଇଥିଲେ। ଗତ ୨୭ ତାରିଖ ଦୀପାବଳି ରାତିରେ ଅମରେଶ ଓ ତାଙ୍କ ସାଥୀମାନେ ଏକାମ୍ର କଲେଜ ପଛପଟ ପଡ଼ିଆରେ ଭୋଜି କରି ବାଣ ଫୁଟାଉଥିଲେ। ବାଣର କିଛି ଅଂଶ ଶଙ୍କରଙ୍କ ଗୋଷ୍ଠୀର ଜଣେ ଯୁବକଙ୍କ ଦେହରେ ପଡ଼ିଥିଲା। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଶଙ୍କର ଓ ତାଙ୍କ ସମର୍ଥକମାନେ ପହଞ୍ଚି ଅମରେଶଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଅମରେଶଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।






ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ସ୍ୱଭାବ ପରିବର୍ତ୍ତନ ନ ହୋଇଛି,
ସେତେଦିନ ଦୁଃଖ କଷ୍ଟ ରହିବ ହିଁ ରହିବ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଫାଷ୍ଟଫୁଡ ଷ୍ଟଲ୍‌ରେ ଚଢ଼ାଉ: ୨ କୁଇଣ୍ଟାଲ ଖାଦ୍ୟ ନଷ୍ଟ

**କଟକ ଅଫିସ,୧୫।୧୧:** କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶୁକ୍ରବାର ବାଲିଯାତ୍ରାର ତଳ ଓ ଉପର ପଡ଼ିଆରେ ଥିବା ବିଭିନ୍ନ ଖାଦ୍ୟ ଷ୍ଟଲରେ ଚଢ଼ାଉ କରାଯାଇଥିଲା। ସମସ୍ତ ଖାଦ୍ୟ ଷ୍ଟଲ୍‌ରେ ଯାଞ୍ଚ ସହ ଖାଦ୍ୟ ନମୁନା ଟେଷ୍ଟିଂ କରାଯାଇ ପ୍ରାୟ ୨ କୁଇଣ୍ଟାଲ ବାସୀ ଖାଦ୍ୟ ଫିଙ୍ଗାଯିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କ ଠାରୁ ୮ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ଡା. ଉମେଶ ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଡା. ପାଣିଗ୍ରାହୀଙ୍କ ନେତୃତ୍ୱରେ ଫୁଡ ଇନ୍ସପେକ୍ଟରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଏହି ଚଢ଼ାଉ କରିଥିଲା। ସେହିପରି ସିଏମ୍‌ସି ପକ୍ଷରୁ ପଲିଥିନ ନିୟନ୍ତ୍ରଣ ପାଇଁ ପଡ଼ିଆରେ ଥିବା ସମସ୍ତ ଷ୍ଟଲରେ ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ୨ ଜଣ ବ୍ୟବସାୟୀଙ୍କଠାରୁ ୩କେଜି ପଲିଥିନ ଜବତ କରାଯିବା ସହ ୪୦୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ପଲିଥିନ ନିୟନ୍ତ୍ରଣ ହୋଇଥିବାରୁ ଯାତ୍ରା ପଡ଼ିଆରେ ଆବର୍ଜନା ମଧ କମିଥିବା ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପ୍ରଭାକର ସାହୁ କହିଥିଲେ।

### ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ

**ନିମାପଡ଼ା,୧୫।୧୧(ଡି.ଏନ୍.ଏ):** ମହୁମାଛି ଆକ୍ରମଣରେ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ଗଡ଼ଗୁଆଡିରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାତ୍ର(୬୫)। ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ର ସବୁ ଦିନ ପରି ଶୁକ୍ରବାର ଅପରାହ୍ନରେ ଗ୍ରାମ ନିକଟ କୁଶଭଦ୍ରା ନଦୀ ପଠାରେ ଗାଈ ଚରାଉଥିଲେ। ସେଠାରେ ଥିବା ଏକ ବରଗଛରେ ହୋଇଥିବା ମହୁମାଛି ହଠାତ୍ ପୂର୍ଣଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପୂର୍ଣ୍ଣଚନ୍ଦ୍ରଙ୍କୁ ମହୁମାଛିଙ୍କ କବଳରୁ ରକ୍ଷା କରିବା ସହ ଚିକିତ୍ସା ପାଇଁ ତାଙ୍କୁ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କୁ ମହୁମାଛିଙ୍କ କବଳରୁ ରକ୍ଷା କରିବାକୁ ଯାଇ ସ୍ଥାନୀୟ ଅଞ୍ଚଳର ପ୍ରାୟ ୮ଜଣ ଆହତ ହୋଇଥିବା ଜଣାପଡିଛି।

### ଏସ୍‌ସିବିକୁ ସ୍ୱୟଂଶାସିତ ମାନ୍ୟତା ଦାବି

#### ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**କଟକ ଅଫିସ, ୧୫।୧୧:** କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ସ୍ନାତକ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାଲିଥିବା ଆନ୍ଦୋଳନ ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଥିବା ଯୁଜି ଛାତ୍ର ସଂସଦ ସଭାପତି ଦୀପକ କୁମାର ସାମଲ କହିଛନ୍ତି। ଗୁରୁବାର ଛାତ୍ରୀଛାତ୍ରଙ୍କ ତରଫରୁ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଅଧକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ଡିଏମ୍‌ଇଟି ପ୍ରଫେସର ଡା.ସିବିକେ ମହାନ୍ତି, ଏସ୍‌ସିବି ମେଡିକାଲ ଡିନ୍ ଏବଂ ପ୍ରିନ୍ସପାଲ ଜୟଶ୍ରୀ ମହାନ୍ତି, ଏଫଏମ୍‌ଟି ପ୍ରଫେସର ରୀତା ସାହୁ ଉପସ୍ଥିତ ଥିବାବେଳେ ଯୁଜି ସଭାପତି ଦୀପକଙ୍କ ସହ ଏକ ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ଥିଲେ। ବୈଠକ ପରେ କଲେଜର ପରୀକ୍ଷା ସୁପରିଚାଳନାଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ଢାଞ୍ଚା ପରିବର୍ତ୍ତନ ଓ ପରୀକ୍ଷା ଖାତା ଦାଖଲ କରିବାର ୭ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ କରିବା ସହ ସାର୍ଟିଫିକେଟ ତୁରନ୍ତ ପ୍ରଦାନ କରିବାକୁ କୁଳପତି ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

# ଦାଦନ ସମସ୍ୟାକୁ ରୋକିବ ଲୋକକଳା

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

## ଗାଁ ଗାଁ ବୁଲି ସଚେତନ କରିବେ କଳାକାର

ରାଜ୍ୟରେ ଦିନକୁ ଦିନ ଦାଦନ ସମସ୍ୟା ବଢ଼ି ଚାଲିଥିବା ବେଳେ ଏହାକୁ ରୋକିବାକୁ ଲୋକକଳାର ସାହାଯ୍ୟ ନିଆଯିବ। ଲୋକକଳା ପରିବେଷଣ ମାଧ୍ୟମରେ ଲୋକଙ୍କୁ ଦାଦନ ସମସ୍ୟାର ଭୟାବହତା ଏବଂ ନକାରାତ୍ମକ ଦିଗ ସମ୍ପର୍କରେ ସଚେତନ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ବଲାଙ୍ଗୀର, ବରଗଡ଼, ନୂଆପଡ଼ା ଓ କଳାହାଣ୍ଡି ଭଳି ୪ଟି ଜିଲାରେ ଏହି କାର୍ଯ୍ୟକ୍ରମ କରାଯିବ। ଜିଲାର ପ୍ରତ୍ୟେକ ଗ୍ରାମରେ ସ୍ଥାନୀୟ ଲୋକକଳା କଳାକାରମାନଙ୍କ ଦ୍ୱାରା ନୃତ୍ୟ, ଗୀତ ଓ ନାଟକ ମାଧ୍ୟମରେ ଦାଦନ ସମସ୍ୟା ରୋକିବା ଲାଗି ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିରେ ସମ୍ପୃକ୍ତ ଜିଲାର ବ୍ଲକ୍ କଳା ସଂସ୍କୃତି ସଂଘ (ବିକେଏସ୍‌ଏସ୍) ଏବଂ ଜିଲା କଳା ସଂସ୍କୃତି ସଂଘ (ଜେଡ୍‌କେଏସ୍‌ଏସ୍) ସାମିଲ ହେବେ। ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଶୁକ୍ରବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତିରାଜ, ପାନୀୟଜଳ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୟୁନିସେଫ୍ ସହାୟତାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଆଭିମୁଖ୍ୟକରଣ ଓ ତିନିଦିନିଆ ତାଲିମ୍ କର୍ମଶାଳାକୁ ପଞ୍ଚାୟତିରାଜ ଓ ପାନୀୟଜଳ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଉଦ୍‌ଘାଟନ କରିଥିଲେ। ଦାଦନ ରୋକିବାକୁ କିଭଳି ଲୋକକଳାକୁ ବ୍ୟବହାର କରାଯିବ ଏବଂ କଳାକାରଙ୍କୁ ନିୟୋଜିତ କରାଯିବ ସେନେଇ ଏଥିରେ ଆଲୋଚନା ହୋଇଥିଲା।

ବିକେଏସ୍‌ଏସ୍ ଏବଂ ଜେଡ୍‌କେଏସ୍‌ଏସ୍‌ର ଉପସଭାପତି, ବିଶିଷ୍ଟ ଓ ବରିଷ୍ଠ ଗୁରୁ, ବଛା ବଛା କଳାକାରମାନଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଜନାର ରୂପରେଖ ଓ ତା'ର ସଫଳ ରୂପାୟନ ଲାଗି ସମସ୍ତ ପ୍ରକାରର ତାଲିକା ପ୍ରସ୍ତୁତ କରାଯିବ। କେଉଁ କେଉଁ ସ୍ଥାନରେ, କେଉଁ ଦିନ କ'ଣ କ'ଣ କାର୍ଯ୍ୟକ୍ରମ ହେବ ଏବଂ କେଉଁ ଦଳ ଏହାକୁ ପରିବେଷଣ କରିବେ ତାହାର ସମ୍ପୂର୍ଣ୍ଣ ତାଲିକା କରାଯିବ। ଏହାପରେ ସ୍କ୍ରିପ୍ଟ ଲେଖାଯାଇ ଉକ୍ତ ଦଳଗୁଡ଼ିକୁ ଦିଆଯିବ। ସ୍କ୍ରିପ୍ଟ ଲେଖିବା ସମୟରେ ଶ୍ରମିକମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ନିୟମାବଳୀ ସମ୍ପର୍କରେ ଧ୍ୟାନ ଦେବାକୁ କୁହାଯାଇଛି। ସ୍କ୍ରିପ୍ଟ ସହ ଅଭ୍ୟାସ କରିବା ପରେ କଳାକାରମାନେ ଗାଁ ଗାଁ ବୁଲି ଜନସାଧାରଣଙ୍କୁ ସଚେତନ କରିବେ। ଉକ୍ତ କର୍ମଶାଳା ଉଦ୍‌ଘାଟନ ଅବସରରେ ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ଶାସନ ସଚିବ ମାନସ ରଞ୍ଜନ ଦେବତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ, ବିଭାଗୀୟ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ମଙ୍ଗଳା ମୁହାଣରେ ଜଣେ ମତ୍ସ୍ୟଜୀବୀ ଜାଲରେ ମାଛ ଧରୁଛନ୍ତି।

## ପଥ ଉତ୍ସବର ତୃତୀୟ ଦିବସ

# ପ୍ରାତଃରେ ଭକ୍ତିଭାବର ପରିବେଶ

**କଟକ ଅଫିସ, ୧୫।୧୧**

ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ପଥ ଉତ୍ସବର ଶୁକ୍ରବାର ଥିଲା ତୃତୀୟ ଦିବସ। ସକାଳୁ ସକାଳୁ ପଥ ଉତ୍ସବକୁ ଉପଭୋଗ କରିବା ପାଇଁ ପହଞ୍ଚିଯାଇଥିଲେ ବହୁ କଟକିଆ। ପ୍ରାତଃ ଭ୍ରମଣ ସାଙ୍ଗକୁ ପଥ ଉତ୍ସବରେ ସଙ୍ଗୀତର ଆସର ସଭିଙ୍କୁ ବେଶ୍ ଉତ୍ସାହିତ କରିଥିଲା। ପଥ ଉତ୍ସବର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ନାମ ସଂକୀର୍ତ୍ତନରୁ। ବହୁ ଶ୍ରଦ୍ଧାଳୁ ଝାଞ୍ଜ, କୀର୍ତ୍ତନ, ମୃଦଙ୍ଗ ଧରି ଭଗବାନଙ୍କ ଭଜନ ଜଣାଣ ଗାନ କରିଥିଲେ। ଫଳରେ ଏକ ପ୍ରକାର ଭକ୍ତିଭାବର ପରିବେଶ ସୃଷ୍ଟି ହୋଇଥିଲା। ପରେ ମିଳନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷିତ ହୋଇଥିଲା। ବିସ୍ମୟ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଭଜନ ଓ ଜିଲା କଳା ସଂସ୍କୃତି ସଂଘ ପକ୍ଷରୁ ପାଲା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସାଇ ହଷ୍ଟେଲର କଳାକାରମାନେ ସାନ୍ତାଳୀ ନୃତ୍ୟ କରିବା ସହ ଫୁଟ୍‌ବଲର ମଜା ନେଇଥିଲେ। ସେମାନଙ୍କ ସହ ଜିଲାପାଳ ଭବାନୀ ଶଙ୍କର ଚୟନୀ ସାମିଲ ହୋଇ ଫୁଟବଲ ଖେଳିଥିଲେ। ଶେଷରେ ଆମ କଳାକାର ପରିବାରର କଳାକାରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ବାଲିଯାତ୍ରା ପଡିଆ ସଫେଇ କରାଯାଇଥିଲା। ଜିନ୍ଦଲ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ କରିବା ଉପରେ ସଚେତନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ପଲିଥିନ ବଦଳରେ କାଗଜ ବ୍ୟାଗର ନମୁନା ପ୍ରଦାନ କରାଯାଇଥିଲା। ପିଙ୍କି ଝା ମଞ୍ଚ ପରିଚାଳନା କରିଥିଲେ।

## ପ୍ରଜ୍ଞା ପାଇଲେ ପରିବାର



କାଲି ଯାଏ ସେ ଥିଲେ ଅନାଥ, ମାତ୍ର ମିଳିଗଲା ପୁରା ପରିବାର। ଏ ହେଉଛି ବସୁନ୍ଧରାରେ ରହୁଥିବା ଦଶମାସର ଶିଶୁକନ୍ୟା ପ୍ରଜ୍ଞାର କାହାଣୀ। ପଶ୍ଚିମବଙ୍ଗର ଏକ ଦମ୍ପତି ପ୍ରଜ୍ଞାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ପ୍ରଜ୍ଞା ଶେଷରେ ଫେରି ପାଇଛନ୍ତି ପରିବାର। ଏ ଥିଲା ପଥ ଉତ୍ସବ ତୃତୀୟ ଦିବସର ଖୁସି ସମୟର ଦୃଶ୍ୟ। ଯାହା ସଭିଙ୍କୁ କ୍ଷଣିକ ପାଇଁ ସ୍ତମ୍ଭିଭୂତ କରିଥିଲା। ପଶ୍ଚିମବଙ୍ଗର ଦମ୍ପତି ସୁଦୀପ ଓ ବିଶାଖା ଭୌମିକ ପ୍ରଜ୍ଞାକୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଛନ୍ତି। ସମସ୍ତ ସରକାରୀ ନିୟମ ଅନୁଯାୟୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଦମ୍ପତିଙ୍କୁ ପଥ ଉତ୍ସବ ମଞ୍ଚରେ ଶିଶୁକନ୍ୟାକୁ ହସ୍ତାନ୍ତର କରିଥିଲେ। ଏହି ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି, ଚାଇଲ୍ଡ ଲାଇନର ନାରାୟଣ ଶୁକ୍ଳା ଉପସ୍ଥିତ ଥିଲେ। ଉକ୍ତ ଦମ୍ପତି କିଛିଦିନ ପୂର୍ବେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ ଭାରତ ସରକାରଙ୍କ ନିକଟରେ ଅନ୍‌ଲାଇନ ଜରିଆରେ ଆବେଦନ କରିଥିଲେ। ତଦନୁଯାୟୀ କଟକର ବସୁନ୍ଧରାରୁ ଶିଶୁକନ୍ୟାଙ୍କୁ ଗ୍ରହଣ କରିବା ନିମନ୍ତେ ତାଙ୍କୁ କୁହାଯାଇଥିଲା। ଉକ୍ତ ଦମ୍ପତି ଶୁକ୍ରବାର ସକାଳେ ପଥ ଉତ୍ସବରେ ପହଞ୍ଚି ଶିଶୁକନ୍ୟା ପ୍ରଜ୍ଞାକୁ ଗ୍ରହଣ କରିବା ସହ ନୂତନ ପରିଚୟ ଦେଇଛନ୍ତି।

#### ବିଦ୍ୟାଳୟରେ ଶିକ୍ଷକଙ୍କ ଛାଡ଼ଖାଇ ଆସର

### ସୋସିଆଲ ମିଡିଆରେ ଫଟୋ ଭାଇରାଲ

**ପୁରୀ ଅଫିସ, ୧୫।୧୧**

ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ଶିକ୍ଷକ ପାଳିଲେ ଛାଡ଼ଖାଇ। ସ୍କୁଲ ପିଲାମାନେ ମିଡ୍ ଡେ ମିଲ୍‌ରେ ଭାତ ଡାଲମା ଖାଇଥିଲେ। କିନ୍ତୁ ଶିକ୍ଷକମାନେ ରାନ୍ଧି ଖାଇଥିଲେ ମାଛ ବେସର ସହ ଚିକେନ ଏବଂ ମଟନ। ଏଭଳି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୁରୀ ସଦର ବ୍ଲକ ଶାସନ ଦାମୋଦରପୁର ଅଞ୍ଚଳର ଥିବା ଏକ ନୋଡାଲ ବିଦ୍ୟାଳୟର ଏହି ଦୃଶ୍ୟ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ କମନରୁମ୍‌ର ଟେବୁଲ ଚେୟାରରେ ବସି ଛାଡ଼ଖାଇର ମଜା ନେବା ସହିତ ସେଲ୍‌ଫି ଉଠାଇଥିଲେ। ସ୍କୁଲରେ ଜଣେ ଶିକ୍ଷକଙ୍କ ଟଙ୍କାରେ ଆୟୋଜନ ହୋଇଥିଲା ଛାଡଖାଇ। ଏ ନେଇ ଭିଡିଓ ଭାଇରାଲ ହେବା ପରେ ପ୍ରଧାନଶିକ୍ଷକ କହିଛନ୍ତି, ବିଦ୍ୟାଳୟରେ ମାଛ, ମାଂସ ଖାଇବା ମନା ନାହିଁ। କ'ଣ ଶିକ୍ଷକମାନେ ମାଛମାଂସ ଟିକେ ଖାଇବେନି। ବେଳେ ବେଳେ ସ୍କୁଲରେ ଏଭଳି ଆୟୋଜନ ହୋଇଥାଏ। ଏହା କୌଣସି ଏକ ଅପରାଧ ନୁହେଁ ବୋଲି ସେ କହିଥିଲେ। ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷଙ୍କୁ ଏ ସମ୍ପର୍କରେ ପଚାରିବାରେ ବିଦ୍ୟାଳୟ ପରିସରରେ ଏଭଳି କାର୍ଯ୍ୟ ଗ୍ରହଣୀୟ ନୁହେଁ। ଶୀଘ୍ର ଘଟଣାର ତଦନ୍ତ କରାଯିବ ବୋଲି ସେ କହିଥିଲେ।

### ୨୬ଗ୍ରାମ ବ୍ରାଉନସୁଗାର ଜବତ, ମହିଳା ଗିରଫ

**ପୁରୀ ଅଫିସ, ୧୫।୧୧**

ପୁରୀ ସହରରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଏବେ ଏଥିରେ ମହିଳାଙ୍କୁ ବ୍ୟବହାର କରାଯାଉଛି। ଫଳରେ କଲେଜ ବିଦ୍ୟାର୍ଥୀ, ଯୁବପିଢି ବର୍ତ୍ତମାନ ନିଶା ସେବନ କରି ବିପଥଗାମୀ ହେଉଛନ୍ତି। ଏହାର ଚେର କଲିକତା ଏବଂ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଲମ୍ବିଛି। ଶୁକ୍ରବାର ପୁରୀ ଅବକାରୀ ପୋଲିସ ବଳିଆପଣ୍ଡା ବିନାୟକ ବସ୍ତିରୁ ୨୬ଗ୍ରାମ ବ୍ରାଉନସୁଗାର ଜବତ କରିଛି। ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଖୁକୁ ମଣ୍ଡଳଙ୍କୁ ଗିରଫ କରିଛି। ଖୁକୁ ଓ ତାଙ୍କ ସ୍ୱାମୀ ଗୋଲଖ ମୂଳତଃ ବାଂଲାଦେଶ ବାସିନ୍ଦା ହୋଇଥିବାବେଳେ ଏହି ବସ୍ତିରେ ରହି ବ୍ରାଉନସୁଗାର ସହ ନିଶା କାରବାର କରୁଥିବା ଅବକାରୀ ପୋଲିସ ସୂଚନା ଦେଇଛି। ଜବତ ବ୍ରାଉନସୁଗାରର ହାରାହାରି ମୂଲ୍ୟ ୩ଲକ୍ଷରୁ ଉର୍ଦ୍ଧ୍ୱ ବୋଲି ଜଣାପଡିଛି। ଅବକାରୀ ଆଇଆଇସି ବିକାଶ କୁମାର ନାୟକଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରକାଶ କୁମାର ସାହୁ, ସନ୍ତୋଷ କୁମାର ନାୟକଙ୍କୁ ନେଇ ଗଠିତ ଏକ ଟିମ୍ ଗ୍ରାହକ ସାଜି ଉକ୍ତ ଅଞ୍ଚଳରେ ଚଢାଉ କରିଥିଲେ। ଖୁକୁ ଏକ ପୁଡ଼ିଆ ପ୍ୟାକେଟ ଧରି ଛକରେ ବିକ୍ରି କରୁଥିଲେ। ଏହି ସମୟରେ ବ୍ରାଉନସୁଗାର କିଣିବା ବାହାନରେ ତାଙ୍କୁ ଧରିଥିଲେ।

ସେହିପରି ବେଆଇନ ମଦ ବିକ୍ରି ଅଭିଯୋଗରେ ଅବକାରୀ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଜବତ ୨୧ଶହ ଲିଟର ଗୁଡପୋଚ ଓ ୨ଶହ ଲିଟର ରନ୍ଧା ମଦ ନଷ୍ଟ କରାଯାଇଛି। ଗିରଫମାନେ ସୁରେନ୍ଦ୍ର ବେହେରା, ରବି ନାୟକ, ରବୀନ୍ଦ୍ର ପ୍ରଧାନ। ଶୁକ୍ରବାର ପୁରୀ ଅବକାରୀ ପୋଲିସ ଚନ୍ଦନପୁର, ବୀରନରସିଂହପୁର, ବାଲି ନୋଲିଆ ସାହି ପ୍ରଭୃତି ସ୍ଥାନରେ ଚଢାଉ କରିଥିଲା।





ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଓଡ଼ିଶୀ ରାଗ ମହୋତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



କରୀନା



ତାପସ



ରୋଜିନା



ଶିବ



ଲକ୍ଷ୍ମୀଧର



ଆଶିଷ



ବୁବୁ



ଦିଗମ୍ବର

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛି, ସେ ହିଁ ଶକ୍ତିଶାଳୀ।
- ସେନେକା





# ବାଲିଯାତ୍ରାର ଚତୁର୍ଥ ଦିବସ
# ଫାଷ୍ଟଫୁଡ ଷ୍ଟଲ୍‌ରେ ଭିଡ଼

**କଟକ ଅଫିସ, ୧୫।୧୧:** ଶୁକ୍ରବାର ଥିଲା ଐତିହାସିକ କଟକ ବାଲିଯାତ୍ରାର ଚତୁର୍ଥ ଦିନ। ଦିନତମାମ ପଡିଆରେ ଗହଳି ଚହଳି ଲାଗି ରହିଥିଲା। କେତେକ ଲୋକ ଦିନରେ ବାଲିଯାତ୍ରା ବୁଲି ଘରକୁ ଫେରି ଯାଇଥିଲେ। ହେଲେ ଅସଲ ଭିଡ ଦେଖିବାକୁ ମିଳିଥିଲା ସନ୍ଧ୍ୟାରେ। ବାଲିଯାତ୍ରା ମୁଖ୍ୟଗେଟ୍‌କୁ ଆଲୋକମାଳାରେ ସଜ୍ଜାଯାଇଥିବାବେଳେ ଏହା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଶୁକ୍ରବାର ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା।

ରାଜସ୍ଥାନରୁ ଆସିଥିବା ବ୍ୟବସାୟୀଙ୍କ ଫାଷ୍ଟଫୁଡ ଷ୍ଟଲ୍‌ରେ ଶୁକ୍ରବାର ଭିଡ଼ ଦେଖିବାକୁ ମିଳିଥିଲା। ଏହି ଷ୍ଟଲରେ ସ୍ପେଶାଲ ରାଜସ୍ଥାନ ଥାଳି ୧୫୦ ଟଙ୍କା ଥିବାବେଳେ ଡାଲବଟି ଚୁର୍‌ମା ୧୦୦ ଟଙ୍କା, ମୁଗଡାଲ କଚୋରି ୬୦ ଟଙ୍କା, ମିର୍‌ଚି ବଡ଼ା ୫୦ ଟଙ୍କା, ପାଓଭାଜି ୬୦ଟଙ୍କା, ମିକ୍ସ ଚାଟ୍ ୬୦ ଟଙ୍କାରେ ବିକ୍ରି ହେଉଥିଲା। ଏ ନେଇ ବ୍ୟବସାୟୀ କହିଛନ୍ତି, ଦୀର୍ଘ ୧୦ ବର୍ଷ ହେବ ଆମେ ବାଲିଯାତ୍ରା ଆସୁଛୁ। ଗତବର୍ଷଠାରୁ ଏହି ବର୍ଷ ୪ ଦିନ ଭିତରେ ଭଲ ବ୍ୟବସାୟ ହୋଇଛି। ଏଠାରେ ରାଜସ୍ଥାନୀ ଖାଦ୍ୟ ତିଆରି ନିମନ୍ତେ ୨୦ ଜଣ କାରିଗର ଆସିଛନ୍ତି। ସେହିପରି ଅନ୍ୟ ଫାଷ୍ଟଫୁଡ ଷ୍ଟଲ୍‌ଗୁଡ଼ିକରେ ସୁପ୍, ରୋଲ୍, ଚାଓମିନ, ପନିର ମସଲା, ଚିକେନ ମସଲା, ଚିଲି ଚିକେନ ଆଦି ବିଭିନ୍ନ ପ୍ରକାର ଫାଷ୍ଟଫୁଡ ବିକ୍ରି ହେଉଥିଲା। ଅନ୍ୟପକ୍ଷରେ ବାଲିଯାତ୍ରାରେ ବାରିପଦାର ମୁଢିମାଂସର ଚାହିଦା ଅଧିକ ରହିଥିଲା। ମୁଢିମାଂସ ପ୍ଲେଟ ୧୦୦ ଟଙ୍କା ଥିବାବେଳେ ମୁଢିମାଂସ କଷା ୧୨୦ ଟଙ୍କାରେ ବିକ୍ରି ହେଉଥିବା ବ୍ୟବସାୟୀ କହିଛନ୍ତି।



ବାଲିଯାତ୍ରାରେ ଏକ ଫାଷ୍ଟଫୁଡ୍ ଷ୍ଟଲ୍‌ରେ ଖାଦ୍ୟ ସାମଗ୍ରୀ ସଜାଇ ରଖାଯାଇଛି।



## ବସ୍‌ରେ ମହାକାଶ ସମ୍ପର୍କିତ ତଥ୍ୟ ପ୍ରଦର୍ଶିତ

ବାଲିଯାତ୍ରାରେ ଇସ୍ରୋ ପକ୍ଷରୁ ବସ୍‌ରେ ମହାକାଶଜନିତ ବିଭିନ୍ନ ତଥ୍ୟ ପ୍ରଦର୍ଶନ କରାଯାଇଛି। ଇସ୍ରୋର ଫାଉଣ୍ଡର ବିକ୍ରମ ଏ.ସରାବାଇଙ୍କ ୧୦୦ତମ ଜନ୍ମଦିବସ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହାର ଉଦ୍ଦେଶ୍ୟ ହେଉଛି ଇସ୍ରୋର ଭୂମିକା ଯେପରି ଜନସାଧାରଣଙ୍କ ପାଖରେ ପହଞ୍ଚିବ ଏବଂ ଯୁବପିଢି ଇସ୍ରୋ ବିଷୟରେ ଜାଣିପାରିବେ। ଚନ୍ଦ୍ରଯାନ-୨, ମଙ୍ଗଳଯାନ ବିଭିନ୍ନ ସାଟେଲାଇଟ୍ ବିଷୟରେ ଜାଣିପାରିବା ସହ ସମସ୍ତ ଡେମୋ ଏହି ବସ୍ ଭିତରେ ରହିଛି। ଯାହାକି ଆଗାମୀ ଦିନରେ ଯୁବପିଢି ପାଇଁ ବେଶ ସହାୟକ ହୋଇପାରିବ ବୋଲି ଏହି ବସ୍ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ରାଜେଶ ସ୍ୱାଇଁ କହିଛନ୍ତି।











### 'ରୁଚି ଖବର'ର ବାଲିଯାତ୍ରା ବିଶେଷାଙ୍କ ଲୋକାର୍ପିତ

ବାଲିଯାତ୍ରା ତଳପଡ଼ିଆରେ ମୋ କଟକ ପାଭିଲିୟନଠାରେ ଶୁକ୍ରବାର ରୁଚି ପ୍ରତିଭା ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ 'ରୁଚି ଖବର'ର ବାଲିଯାତ୍ରା ବିଶେଷାଙ୍କ ଲୋକାର୍ପିତ ହୋଇଯାଇଛି। ରୁଚି ପ୍ରତିଭା ଫାଉଣ୍ଡେଶନର ଅଧକ୍ଷ ଡ. ଶରତ ସାହୁଙ୍କ ସଭାପତିତ୍ୱରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ରୁଚି ଲୋକମାନଙ୍କର ବିଶ୍ୱାସଭାଜନ ହୋଇପାରିଛି। ସମାଜରେ ରୁଚି ପ୍ରତିଭା ଫାଉଣ୍ଡେଶନର ଅନେକ ଅବଦାନ ରହିଛି ବୋଲି ଜିଲାପାଳ ଚୟନୀ କହିଥିଲେ। ବାଲିଯାତ୍ରାରେ ବ୍ୟବସାୟ କ୍ଷେତ୍ରରେ ଅନେକ ଲାଭ ମିଳେ। ଉଦ୍ୟୋଗପତିମାନେ ଏଠାରେ ଷ୍ଟଲ ପକାଇବାରେ ଇଚ୍ଛା କରିଥାନ୍ତି ବୋଲି ଡ. ସାହୁ କହିଥିଲେ। ଅତିଥି ଭାବେ କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ ଯୋଗ ଦେଇଥିଲେ। ଶୁଭେନ୍ଦୁ ଭୂୟାଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ନିହାର ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

### ଠୁଙ୍କାପୁରି, ବିରିଆନିର ମଜା

ବାଲିଯାତ୍ରାରେ କଟକର ପ୍ରସିଦ୍ଧ ଠୁଙ୍କାପୁରି ସାଙ୍ଗକୁ ଦହିବରା ଆଳୁଦମ୍, ବିରିଆନିର ମଜା ନେଇଥିଲେ ଲୋକେ। ଯାତ୍ରା ପଡ଼ିଆରେ ବିରିଆନି ପ୍ଲେଟ ପିଛା ୧୦୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ଥିବାବେଳେ ଠୁଙ୍କାପୁରି ଏବଂ ତରକାରି ୭୦ ଟଙ୍କା, ଦହିବରା ଆଳୁଦମ ୩୦ ଟଙ୍କାରେ ବିକ୍ରି କରାଯାଉଥିବା ବ୍ୟବସାୟୀମାନେ କହିଛନ୍ତି।

### ଷ୍ଟଲ୍‌ରେ ୪୦ ପ୍ରକାର ପିଠା

ବାଲିଯାତ୍ରା ପଡ଼ିଆରେ ମା' ମହାଲକ୍ଷ୍ମୀ ମହିଳା ମିଶନ ଶକ୍ତି ପକ୍ଷରୁ ଏକ ଷ୍ଟଲ୍ ଖୋଲାଯାଇଥିଲା। ଯେଉଁଥିରେ କ୍ଷୀର ଗଇଣ୍ଠା, ମୁଆଁପିଠା, ବୁଢା ଚକୁଳି, ପୁରଚକୁଳି, ଖସା ଆରିସା ଭଳି ୪୦ ପ୍ରକାରର ପିଠା ରଖାଯାଇଥିଲା। ସେହିପରି ଛୁଞ୍ଚିପତ୍ର, ଚିତଉ ପିଠା, ତରଣ ଆଦି ପିଠା ଗୋଟିକର ମୂଲ୍ୟ ୧୫ ଟଙ୍କା ରଖାଯାଇଥିବା ବ୍ୟବସାୟୀ କହିଛନ୍ତି।

### ମୋ ଷ୍ଟଲ୍ ଶିଶୁ ଶ୍ରମିକମୁକ୍ତ

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ପ୍ରଶାସନ ପକ୍ଷରୁ ବାଲିଯାତ୍ରା ପଡିଆରେ ଥିବା ବିଭିନ୍ନ ଷ୍ଟଲରେ ଶିଶୁଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ବୋର୍ଡ ମରାଯିବା ସହ ବ୍ୟବସାୟୀଙ୍କୁ ସଚେତନ କରାଯାଇଛି। ବିଭିନ୍ନ ଷ୍ଟଲ୍‌ରେ ବ୍ୟବସାୟୀମାନେ ନିଜ କାର୍ଯ୍ୟ କରିବା ପାଇଁ କର୍ମଚାରୀ ନିୟୋଜିତ କରିପାରିବେ। କିନ୍ତୁ ଶିଶୁଙ୍କୁ କାମରେ ନ ଲଗାଇବା ପାଇଁ ବ୍ୟବସାୟୀଙ୍କୁ ସଚେତନ କରାଯିବା ସହ ସମସ୍ତ ଷ୍ଟଲ୍‌ରେ ମୋ ଷ୍ଟଲ ଶିଶୁ ଶ୍ରମିକମୁକ୍ତ ବୋର୍ଡ ଲଗାଯାଇ ସତର୍କ କରାଯାଇଥିଲା।

### ବ୍ରହ୍ମପୁର ଆଚାର

ଚଳିତବର୍ଷ ପ୍ରସିଦ୍ଧ ବ୍ରହ୍ମପୁରର ଆଚାର ନେବା ପାଇଁ ଷ୍ଟଲ୍ ସମ୍ମୁଖରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆମ୍ବ, ଲେମ୍ବୁ, ତେନ୍ତୁଳି, ଖଜରା, ମିକ୍ସ କଟିକି ପୋଟଳ, ଆମ୍ବକୋରୋ, ଧନିଆପତ୍ର, ଗ୍ରୀନ ଲଙ୍କା, ଅଁଳା ଆଦି ଆଚାର ସାଙ୍ଗକୁ ଟମାଟୋ, ପୋଦିନା, ଜିରା, ରସୁଣ, ଚାଉଳ, ପାମ୍ପଡ଼କୁ ଲୋକେ କିଣି ନେଉଥିଲେ। ସେହିପରି ଲିଆବଡି, ସାଗୁବଡ଼ି, ଫୁଲବଡ଼ି, କଖାରୁବଡ଼ି ଆଦି ଲୋକଙ୍କ ଚାହିଦା ରହିଥିଲା। ଏ ସମସ୍ତ ଜିନିଷର ଦାମ୍ ୨୦ ଟଙ୍କାରୁ ଆରମ୍ଭ କରି ୫୦୦ ପର୍ଯ୍ୟନ୍ତ ରହିଥିବା ବ୍ୟବସାୟୀ କହିଛନ୍ତି।

### ବାଲିଯାତ୍ରାରେ ବାଉଁଶରାଣୀ ଖେଳ

ବାଲିଯାତ୍ରାର କିଛି ସ୍ଥାନରେ ବାଉଁଶରାଣୀ ଖେଳ ଦେଖିବାକୁ ମିଳିଥିଲା। ଦୁଇ ପାର୍ଶ୍ୱରେ ବାଉଁଶ ପୋତାଯାଇଥିବାବେଳେ ଏଥିରେ ଦଉଡି ବନ୍ଧା ଯାଇଥିଲା। ଏହି ଦଉଡି ଉପରେ ଚାଲି ପିଲା ଖେଳ ଦେଖାଉଥିଲେ। ଏହାକୁ ଲୋକେ ଦେଖିବା ସହ କିଛି ଅର୍ଥ ଦେଇ ଯାଇଥିଲେ।

### ମିଠା ଷ୍ଟଲ୍‌ରେ ଭିଡ଼

ବାଲିଯାତ୍ରାରେ ବିକ୍ରି ପାଇଁ ଆସିଛି ସାଲେପୁରର ବିକଳାନନ୍ଦ କରଙ୍କ ମିଠା। ଏହି ଷ୍ଟଲରେ ବିଭିନ୍ନ ପ୍ରକାରର ମିଠା ଖାଇବା ପାଇଁ ଛୋଟ ପିଲାଠୁ ଆରମ୍ଭ କରି ବଡ଼ ଲୋକଙ୍କ ଗହଳି ଲାଗିଥିଲା। ବିଶେଷକରି ଗୋଲାପଜାମୁନ, ଅରେଞ୍ଜି ରସଗୋଲା, କେଶର ରସଗୋଲାର ଚାହିଦା ଅଧିକ ରହିଥିଲା। ଯାହାର ମୂଲ୍ୟ ୧୦ରୁ ୩୦ ଟଙ୍କା ରହିଥିଲ। ମିଠା ସହିତ ସାଲେପୁରର ବରା ଓ ତରକାରି ଭଲ ବିକ୍ରି ହେଉଥିବା ବ୍ୟବସାୟୀ ଦେବୀ ପ୍ରସାଦ ରାଉତ କହିଛନ୍ତି।

## ଗୋଟିଏ ନୃତ୍ୟରେ ଦୁଇଟି ରାଜ୍ୟର ସଂସ୍କୃତି

**କଟକ ଅଫିସ,୧୫।୧୧:** ବାଲିଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଶ୍ରୀଜନ ଛାନ୍ଦ ଡ୍ୟାନ୍ସ ଗ୍ରୁପର ଗୋଟିଏ ନୃତ୍ୟରେ ଦୁଇଟି ରାଜ୍ୟର ସଂସ୍କୃତି ଓ ପରମ୍ପରା ଦେଖିବାକୁ ମିଳିଥିଲା। ପଶ୍ଚିମବଙ୍ଗ ଓ ଓଡ଼ିଶାର ସଂସ୍କୃତିକୁ ନେଇ ଗ୍ରୁପର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ତାଙ୍କର କୃଷ୍ଣଲୀଳା, କାଳୀ ଓ ଶିବ ତାଣ୍ଡବରେ ଦର୍ଶକମାନେ ମନ୍ତ୍ରମୁଗ୍ଧ ହୋଇଥିଲେ। ବ୍ରହ୍ମପୁରର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ଜୟ ହୋ ଗୀତରେ ଦେଶଭକ୍ତିର ଝଲକ ଦେଖିବାକୁ ମିଳିଥିଲା। କଣ୍ଠଶିଳ୍ପୀ ସୌରିନ ଭଟ୍ଟଙ୍କ ସାଧବ ବୋହୂ ସଙ୍ଗୀତ ଦର୍ଶକଙ୍କ ହୃଦୟକୁ ଛୁଇଁଥିଲା। ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସଙ୍ଗୀତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। କଟକର ସଂସ୍କୃତି ବିହାର ଗୀତିନାଟ୍ୟ କରିଥିଲେ। ଛତିଶଗଡ଼ର ଅନିଲ ଗାରେୱାଲ ଆଣ୍ଡ ଗ୍ରୁପ ପକ୍ଷରୁ ଗେଡି ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଜିଲା କଳା, ସଂସ୍କୃତି ସଂଘ, କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ମହାନଦୀ ମଞ୍ଚରେ ଶିବାଜୀ ଡ୍ୟାନ୍ସ ଏକାଡେମୀର ସମ୍ବଲପୁରୀ ନୃତ୍ୟକୁ ଦର୍ଶକମାନେ ଉପଭୋଗ କରିଥିଲେ। ସୁଲଗ୍ନା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅତିଥିଭାବେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, କଳା ସଂସ୍କୃତି ବିଭାଗର ସଦସ୍ୟ ସବିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।





ଯେଉଁମାନଙ୍କ ମନଟି ଛୋଟ, ସେମାନଙ୍କୁ ଛୋଟ କଥାଟିଏ ବି ବଡ ଭଳି ଜଣାପଡେ।
- ଗୋଲ୍ଡସ୍ମିଥ

## ସଂକ୍ଷେପରେ

### 'ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସ'କୁ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଲୋକସେବା ଭବନଠାରେ ବିଶ୍ୱମୋହନ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଭ୍ରମଣ ପୁସ୍ତକ 'ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସ'ଲୋକାର୍ପିତ କରିଛନ୍ତି। ଏହା ସ୍କୁଲ ଓ କଲେଜରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ସହିତ ସେମାନଙ୍କ ପାଇଁ ଉପାଦେୟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲେଖକ ବିଶ୍ୱମୋହନ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଏହି କଫି ଟେବୁଲ ଭ୍ରମଣ ପୁସ୍ତକକୁ ୨୦୧୪ ମସିହାରେ ଅନୁଷ୍ଠିତ ପୁସ୍ତକ ମେଳାରେ ଶ୍ରେଷ୍ଠ ଭ୍ରମଣ ପୁସ୍ତକ ରୂପେ ପୁରସ୍କୃତ କରାଯାଇଥିଲା। ଏହି ପୁସ୍ତକକୁ ୧୦ ହଜାର ବିଦ୍ୟାଳୟକୁ ବଣ୍ଟନ କରାଯିବ ବୋଲି ନବୀନ କହିଛନ୍ତି। ଏହାର ଇଂରାଜୀ ଅନୁବାଦ ଏ ମନ୍ଥ୍ ଇନ୍ ଦ ଲ୍ୟାଣ୍ଡ ଅଫ୍ ପ୍ଲେଣ୍ଟିକୁ ମଧ ଦୁଇ ହଜାର କଲେଜକୁ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ମୋ ସ୍କୁଲ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ପ୍ରକାଶକ ଏହି ପୁସ୍ତକ ଦ୍ରବ୍ୟ ଉପହାର ସ୍ୱରୂପ ଦେଇଥିବା ପ୍ରକାଶିକା ଜୟଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନଙ୍କ ରଚିତ ଇଂରାଜୀ ପୁସ୍ତକ ଷ୍ଟପ:ଗ୍ଲୋବାଲ ୱାର୍ମିଂ ଫ୍ରମ ୟୋର ସ୍କୁଲକୁ ମଧ ଲୋକାର୍ପଣ କରିଛନ୍ତି।

### ପୂର୍ବ ଶତ୍ରୁତାକୁ ନେଇ ଗୋଷ୍ଠୀ ସଂଘର୍ଷ
#### ଜଣେ ଗୁରୁତର, ୪ ଅଟକ

**କଣାସ,୧୫।୧୧(ସ୍ୱ.ପ୍ର./ଡି.ଏନ୍.ଏ.):** କଣାସ ଥାନା ଗଡସାନପୁଟ ପଞ୍ଚାୟତର ଛୋଟିଜୋଡି ଗ୍ରାମର ଦୁଇ ଗୋଷ୍ଠୀ ମଧରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଶୁକ୍ରବାର ଗ୍ରାମ ଛକରେ ଗୋଷ୍ଠୀ ସଂଘର୍ଷ ହୋଇ ବୋମାମାଡ଼ ହୋଇଛି। ଏହାସହ ଗ୍ରାମର ନୀଳକଣ୍ଠ ଛୁଆଲସିଂହ ମନ୍ଦାରବସ୍ତ ବଜାରକୁ ଯାଇଥିବାବେଳେ ଅନ୍ୟ ଗୋଷ୍ଠୀର କେତେଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ନୀଳକଣ୍ଠ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଡାକ୍ତରଖାନା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ୪ଜଣଙ୍କୁ ଅଟକ ରଖି ପଚରାଉଚୁରା କରିଛି। କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ବେହେରା ପହଞ୍ଚି ତଦନ୍ତ ଚଳାଇଥିବାବେଳେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପରେ ଆଡିସିନାଲ୍ ଏସପି ଅରୁଣ କୁମାର ଜେନା, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ମଧ ଘଟଣାସ୍ଥଳ ବୁଲି ଦେଖିଥିଲେ। ଗତ ଶ୍ରାବଣ ପୂର୍ଣ୍ଣିମାଠାରୁ ଗ୍ରାମର ମାନ ସିଂହ, ପାତଳା ସିଂହ ଓ ଛୁଆଲ ସିଂହଙ୍କ ପରିବାର ମଧରେ ତିକ୍ତତା ଲାଗି ରହିଥିଲା। ଗତ କିଛିଦିନ ତଳେ ଭାରପ୍ରାପ୍ତ ଅଧିକାରୀ ବେହେରାଙ୍କ ଉଦ୍ୟମରେ ଗ୍ରାମର ଦୁଇ ଗୋଷ୍ଠୀ ମଧରେ ଥିବା ଗଣ୍ଡଗୋଳକୁ ସମାଧାନ କରିଥିଲେ। କିନ୍ତୁ ଶୁକ୍ରବାର ସକାଳେ ନୀଳକଣ୍ଠ ମନ୍ଦାର ବଜାରରେ ଛିଡା ହୋଇଥିବାବେଳେ ହଠାତ କେତେକ ଯୁବକ ତାଙ୍କ ଉପରେ ଗୁଳିଚାଳନା କରିଥିଲେ। ତାହା ନ ବାଜିବାରୁ ପୁଣି ସେମାନେ ଆସି ନୀଳକଣ୍ଠକୁ ଏକ ଫାର୍ସାରେ ଆକ୍ରମଣ କରିଚାଲିଥିଲେ। ପରେ ଉଭୟ ଗୋଷ୍ଠୀ ପକ୍ଷରୁ ସେଠାରେ ବୋମାମାଡ଼ ହୋଇଥିଲା। ଫଳରେ କିଛି ସମୟ ପାଇଁ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା।

## ହରାଇପାରିନି କର୍କଟ
# 'ସର୍‌ଭାଇଭର୍' ନୁହେଁ 'ଫାଇଟର୍'



ପରିଚୟ ଫାଉଣ୍ଡେଶନ ପକ୍ଷରୁ କ୍ୟାନ୍‌ସର ପୀଡ଼ିତଙ୍କୁ ନେଇ ଆୟୋଜିତ କିୟା ଫ୍ୟାଶନ୍ ଶୋ' ଅବସରରେ ଅତିଥିମାନେ।

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଭବିଷ୍ୟତକୁ ନେଇ ସେମାନେ ନିଶ୍ଚିନ୍ତ ନୁହନ୍ତି, ହେଲେ ମନରେ ଅଛି ଅସୁମାରୀ ସ୍ୱପ୍ନ। କିଛି ନୂଆ କରିବାର ସ୍ୱପ୍ନ ଓ ନିଜେ ବଞ୍ଚି ଅନ୍ୟକୁ ବଞ୍ଚିବାର ରାହା ଦେଖାଇବାର ସ୍ୱପ୍ନ। କ୍ୟାନ୍‌ସର ଭଳି ଦୁରାରୋଗ୍ୟର ଶିକାର ହୋଇ ବି ଆଜି ସେ ହାର୍ ମାନିନାହାନ୍ତି, ବରଂ ଆଗଠାରୁ ଅଧିକ ଶକ୍ତିଶାଳୀ ହୋଇଛନ୍ତି। ଲଢ଼େଇ କରିବାର ସାହାସ ପାଇଛନ୍ତି। ସେଥିପାଇଁ ସେମାନେ 'ସର୍‌ଭାଇଭର୍' ନୁହେଁ, 'ଫାଇଟର୍'ର ଆଖ୍ୟା ପାଇଛନ୍ତି। ପରିଚୟ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ହୋଟେଲରେ ଆୟୋଜିତ କିୟା ଫ୍ୟାଶନ୍ ଶୋ'ରେ ଏଭଳି କିଛି ଫାଇଟର୍‌ଙ୍କୁ ର୍‌ୟାମ୍ପରେ ଦେଖିବାକୁ ମିଳିଥିଲା। କ୍ୟାନ୍‌ସର ପୀଡ଼ିତଙ୍କୁ ନେଇ ଆୟୋଜିତ ଏହି ଫ୍ୟାଶନ ଶୋ'ରେ ଅଂଶଗ୍ରହଣ କରିଥିବା ଏହି ଫାଇଟର୍‌ମାନେ କିଛିକ୍ଷଣ ପାଇଁ ନିଜ କଷ୍ଟକୁ ଭୁଲି ହସି ହସି ର୍‌ୟାମ୍ପ-ୱାକ୍ କରିବା ସହ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥିଲେ।

ଚଳିତବର୍ଷ ୪ର୍ଥ ଥର ପାଇଁ ଆୟୋଜିତ କିୟା ଫ୍ୟାଶନ୍ ଶୋ'ରେ କ୍ୟାନ୍‌ସର ପୀଡ଼ିତଙ୍କ ମୁହଁରେ ହସ ଫୁଟାଇବାର ପ୍ରୟାସ କରିଥିଲା ପରିଚୟ ଫାଉଣ୍ଡେଶନ। ଏହାସହ କାର୍ଯ୍ୟକ୍ରମ ମାଧମରେ ଅଧାରୁ ପାଠପଢ଼ା ଛାଡ଼ିଥିବା ବାଳିକାମାନଙ୍କ ଲାଗି ଉଦ୍ଦିଷ୍ଟ ଅଳକାନନ୍ଦ ବୃତ୍ତି କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଡ଼ କରାଯାଇଥିଲା। ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଫାଉଣ୍ଡେଶନର ପ୍ରତିଷ୍ଠାତା ରୋଜାଲିନ୍ ପାଟଶାଣୀ ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ର୍‌ୟାମ୍ପରେ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଏବଂ ଅଭିନେତ୍ରୀ ଅନୁ ଚୌଧୁରୀଙ୍କୁ ଦେଖିବାକୁ ମିଳିଥିଲା। ସେମାନଙ୍କ ସହ କାନ୍‌ସରକୁ ପଛରେ ପକାଇ ମଞ୍ଚରେ ସାହସର ସହ ଚାଲିଥିଲେ ରଞ୍ଜନା ଅଗ୍ରୱାଲ, ସ୍ୱାଗତିକା ଆଚାର୍ଯ୍ୟ, ଡ. ଜେ.ଏମ୍. ରାଓ, ରାଜେଶ୍ୱରୀ ରାୟ ମହାପାତ୍ର, ବିଷ୍ଣୁପ୍ରିୟା ସାହୁ, ଭବାନୀ ଓନୀ, ପି.କେ. ତ୍ରିପାଠୀ ଏବଂ ବିଜୟଲକ୍ଷ୍ମୀ କର। ର୍‌ୟାମ୍ପ-ୱାକ୍ କରିବା ସହ ସେମାନେ ନିଜ ଜୀବନର ସଂଘର୍ଷ କାହାଣୀ ସମ୍ପର୍କରେ କହିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର ଏବଂ ଅମ୍ରିତା ଭାରତୀ ପଣ୍ଡା ମନଛୁଆଁ ଗୀତରେ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ।

### ପରଦାକୁ ଫେରିବାର ସ୍ୱପ୍ନ

ଓଡ଼ିଆ ଧାରାବାହିକରେ ଖଳନାୟିକା ଭୂମିକାରେ ଅଭିନୟ କରି ସେ ଓଡ଼ିଶାର ଘରେ ଘରେ ପରିଚିତା। ନିଜ ଯାଦୁକରି ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସେ ବେଶ୍ ଉସ୍ତାଦ୍। ଏହି ଅଭିନେତ୍ରୀ ଜଣକ ଆଉକେହି ନୁହନ୍ତି, ସମସ୍ତଙ୍କ ପ୍ରିୟ ରାଜେଶ୍ୱରୀ ରାୟ ମହାପାତ୍ର। ରାଜେଶ୍ୱରୀ କ୍ୟାନ୍‌ସର ପୀଡ଼ିତା ବୋଲି କିଛିଦିନ ତଳେ ଜଣାପଡ଼ିବା ପରେ ତାଙ୍କ ପ୍ରଶଂସକଙ୍କ ମନରେ ଗଭୀର ଆଘାତ ଲାଗିଥିଲା। ହେଲେ ସେ ସେତେବେଳେ ବି ହାର୍ ମାନି ନ ଥିଲେ, କି ଆଜି ବି ହାର୍ ମାନିନାହାନ୍ତି। ଦୃଢ଼ ମନୋବଳ ନେଇ ପ୍ରତିଦିନ ଲଢ଼େଇ କରୁଛନ୍ତି ରାଜେଶ୍ୱରୀ। କ୍ୟାନ୍‌ସର ହୋଇଥିବା ଜଣାପଡ଼ିବାର ଏହାମଧରେ ୮ମାସ ସମୟ ବିତିଯାଇଛି। ଚିକିତ୍ସା ମଧ ଚାଲିଛି। ପ୍ରତିଦିନ ନୂଆ ସକାଳରେ ନୂଆ ଆଶା ନେଇ ସେ ଉଠୁଛନ୍ତି ଓ ନିଜ ଭବିଷ୍ୟତର ସ୍ୱପ୍ନ ଦେଖୁଛନ୍ତି। ତାଙ୍କର ଏହି ଲଢ଼େଇରେ ସେ ଏକା ନାହାନ୍ତି। ସ୍ୱାମୀ ସଞ୍ଜୟ ରାୟ ମହାପାତ୍ର ପ୍ରତି ମୁହୂର୍ତ୍ତରେ ତାଙ୍କ ସାହସ ହୋଇ ପାଖରେ ଛିଡ଼ା ହୋଇଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପୁଣିଥରେ କେମିତି ରୂପେଲି ପରଦାକୁ ଫେରିବେ ଓ ନିଜ ପ୍ରିୟ ଦର୍ଶକଙ୍କ ପାଇଁ ପୁଣିଥରେ ଖଳନାୟିକା ସାଜିବେ ସେହି ଆଶା ଓ ସାହସ ଆଜି ତାଙ୍କୁ ବଞ୍ଚିବାର ରାହା ଯୋଗାଇଛି ବୋଲି ରାଜେଶ୍ୱରୀ କହିଛନ୍ତି। ଗରିବ ଓ ଅସହାୟ ପିଲାମାନଙ୍କ ପାଇଁ ଶୁକ୍ରବାର ନିଜ ସ୍ୱାମୀଙ୍କ ସହ ର୍‌ୟାମ୍ପରେ ଚାଲିଥିବା ରାଜେଶ୍ୱରୀ ମୃତ୍ୟୁ ସାମ୍ନାରେ ଥିଲେ ବି ପ୍ରତି ମୁହୂର୍ତ୍ତକୁ ହସି ହସି ବଞ୍ଚିବାକୁ ଅନ୍ୟ କ୍ୟାନ୍‌ସର ପୀଡ଼ିତମାନଙ୍କୁ କହିଛନ୍ତି। ଯଦି ତୁମ ହସରେ ଅନ୍ୟମାନେ ନିଜ ଦୁଃଖ ଭୁଲି ହସିପାରୁଛନ୍ତି, ତା'ହେଲେ ହସିବାରେ କୁଣ୍ଠାବୋଧ କରନାହିଁ ବୋଲି କହିଛନ୍ତି। 'ଉଁଆସି କନ୍ୟା', 'ଦେବୀ', 'ବସୁନ୍ଧରା', 'ସଂସ୍କାର' ଓ 'ସ୍ୱାଭିମାନ' ଭଳି ମେଗା ଧାରାବାହିକରେ ଅଭିନୟ କରିଥିବା ଏହି ଅଭିନେତ୍ରୀ ଆଜି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।



ସଞ୍ଜୟ ରାୟ ମହାପାତ୍ର ଓ ରାଜେଶ୍ୱରୀ ରାୟ ମହାପାତ୍ର

#### କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ଅନିୟମିତତା ମାମଲା
### ବିଧାୟକ ସାଲୁଜାଙ୍କୁ ହାଇକୋର୍ଟଙ୍କ ସାନି ନୋଟିସ

**କଟକ ଅଫିସ, ୧୫।୧୧**

କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନକୁ ନେଇ ହାଇକୋର୍ଟରେ ଚାଲିଥିବା ମାମଲାରେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ସାନି ନୋଟିସ ଜାରି କରାଯାଇଛି। ସେପ୍ଟେମ୍ବର ୯ରେ ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ବିଚାରପତି ବିଶ୍ୱଜିତ ମହାନ୍ତିଙ୍କ ଖଣ୍ଡପୀଠ ପକ୍ଷଭୁକ୍ତ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ଜବାବ ତଲବ କରିଛନ୍ତି। ମାତ୍ର ବିଧାୟକ ସାଲୁଜା ଏହି ନୋଟିସ୍‌କୁ ଗ୍ରହଣ କରି ନ ଥିବାବେଳେ ଶୁକ୍ରବାର ଅନୁଷ୍ଠିତ ଶୁଣାଣିରେ ହାଜର ହୋଇ ନ ଥିଲେ। ଫଳରେ ହାଇକୋର୍ଟଙ୍କ ପକ୍ଷରୁ ପୁନର୍ବାର ତାଙ୍କୁ ନୋଟିସ ଜାରି କରାଯିବା ସହ ପରବର୍ତ୍ତୀ ତାରିଖରେ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ବାଚନକୁ ନେଇ ଅଜୟ କୁମାର ଦାଶଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଅନ୍ୟ ସମସ୍ତ ୭ ପକ୍ଷଭୁକ୍ତ ହାଜର ହୋଇ ଜବାବ ଦାଖଲ ପାଇଁ ସମୟ ମାଗିଥିଲେ। ତେବେ ହାଇକୋର୍ଟ ଆସନ୍ତା ଡିସେମ୍ବର ୧୩ ପୂର୍ବରୁ ଏମାନଙ୍କୁ ଜବାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ବିଧାନସଭା ନିର୍ବାଚନରେ କଣ୍ଟାବାଞ୍ଜି ବିଧାନସଭା ଆସନରେ ୧ ଲକ୍ଷ ୮୨ ହଜାର ୪୧୧ ଜଣ ଭୋଟର ମତଦାନ କରିଥିଲେ। ମାତ୍ର ଭୋଟ୍ ଗଣନା ଦିନ ଇଭିଏମ୍‌ରୁ ୧ ଲକ୍ଷ ୯୧ ହଜାର ୦୭୭ ଖଣ୍ଡ ଭୋଟ୍ ବାହାରିଥିଲା। ଭୋଟ୍ ପୋଲିଂ ଏବଂ ଗଣତି ପରେ ଯେଉଁ ପରିସଂଖ୍ୟାନ ଆସିଛି ସେଥିରେ ୮୬୬୬ ଭୋଟ୍‌ର ବ୍ୟବଧାନ ରହିଥିଲା। ଏଭଳି ତ୍ରୁଟିକୁ ନେଇ ଆବେଦନକାରୀ ଦାଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଏହି ଫଳାଫଳକୁ ଅସିଦ୍ଧ ଘୋଷଣା କରିବା ଲାଗି ପ୍ରାର୍ଥନା କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଶ୍ୱିନୀ କୁମାର ଦାସ ମାମଲା ପରିଚାଳନା କରୁଛନ୍ତି।

### ଅଗ୍ନିକାଣ୍ଡ: ୫ ଗାଈ ମୃତ

**ନିମାପଡ଼ା,୧୫।୧୧(ଡି.ଏନ୍.ଏ)**

ନିମାପଡ଼ା ଥାନା ଅନ୍ତର୍ଗତ କାନପୁର ଗ୍ରାମର ଅକ୍ଷୟ ବେହେରାଙ୍କ ଗୁହାଳ ଘରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ୫ ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଟି ଗାଈ ଆହତ ହୋଇଛନ୍ତି। ଏହା ସହ ଗୋଟିଏ ବଖରା ବାସଗୃହ ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁହାଳ ଘରେ ଦିଆଯାଇଥିବା ଧୂଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। ବିପନ୍ନ ଅକ୍ଷୟଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସରପଞ୍ଚ ମନୋରମା ମହାପାତ୍ର, ସମିତିସଭ୍ୟ ସୂର୍ଯ୍ୟ ନାରାୟଣ ପରିଡା, ମହେନ୍ଦ୍ର ମହାପାତ୍ର ପ୍ରମୁଖ ପ୍ରଶାସନଠାରେ ଦାବିକରିଛନ୍ତି।

### ଲୋକାଲ ଫ୍ଲାପ୍ ଟିସ୍ୟୁ ବ୍ୟବହାର ଦ୍ୱାରା ବିରଳ ଅସ୍ତ୍ରୋପଚାର



**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଲୋକାଲ ଫ୍ଲାପ୍ ଟିସ୍ୟୁ ବ୍ୟବହାର କରି ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ଜଣେ ବ୍ୟକ୍ତିଙ୍କ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ବି.ଆର. ଲାଇଫ୍ କଳିଙ୍ଗ ହସ୍ପିଟାଲରେ ହୋଇଥିବା ଏହି ଅସ୍ତ୍ରୋପଚାରରେ ତାଙ୍କ ଜୀବନ ରକ୍ଷା ହେବାସହ ନାକ ଏବଂ ଓଠର ପୁନଃଗଠନ ସମ୍ଭବ ହୋଇଛି। ବଣ୍ଡମୁଣ୍ଡାରେ ରହୁଥିବା ୩୦ବର୍ଷୀୟ ବ୍ରହ୍ମାନନ୍ଦ ଗିରି ନିକଟରେ ନିଜ ବାଇକରେ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ହେଲମେଟ୍ ପିନ୍ଧିଥିବାରୁ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ମଧ ମୁହଁ, ଛାତି ଓ ମୂତ୍ରାଶୟରେ ଗଭୀର ଆଘାତ ଲାଗିଥିଲା। ନାକ, ଓଠ ଏବଂ ଉପର ଓ ତଳ ଥୋଡ଼ି ନଷ୍ଟ ହୋଇଯାଇଥିବାବେଳେ ମୁହଁ ଓ ଖପୁରିର ତଳ ଭାଗରୁ ଗଭୀର ରକ୍ତସ୍ରାବ ହେଉଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ହସ୍ପିଟାଲର ଜରୁରିକାଳୀନ ବିଭାଗରେ ଚିକିତ୍ସା କରାଯାଇଥିଲା। ଅଧିକ ରକ୍ତସ୍ରାବ କାରଣରୁ ବ୍ରହ୍ମାନନ୍ଦଙ୍କୁ ୬ଘଣ୍ଟା ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖାଯିବା ପରେ ପ୍ଲାଷ୍ଟିକ୍ ଓ କସମେଟିକ୍ ସର୍ଜରି ବିଭାଗ ବରିଷ୍ଠ ପରାମର୍ଶଦାତା ଡା. ଅକ୍ଷୟ ରାଉତ ତାଙ୍କ ମୁହଁରେ ସୁଧାରତ୍ମକ ସର୍ଜରି କରିଥିଲେ। ମୁହଁ ଓ ନାକର ହାଡ଼ ନଷ୍ଟ ହୋଇଯାଇଥିବାରୁ ସର୍ଜରି ଦ୍ୱାରା ଲୋକାଲ ଫ୍ଲାପ୍ ଟିସ୍ୟୁ ବ୍ୟବହାର କରି ତାଙ୍କ ନାକ ପୁନଃଗଠନ ହୋଇଥିଲା। ଏହାସହ ଓଠ ଏବଂ ଉଭୟ ଥୋଡ଼ିକୁ ସଜଡ଼ାଯାଇଥିଲା। ବ୍ରହ୍ମାନନ୍ଦ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାବେଳେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ଯୋଗୁ ଚିକିତ୍ସା କରିଥିବା ଡାକ୍ତର ଏବଂ ହସ୍ପିଟାଲକୁ ନେଇଥିବା ଲୋକମାନଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

#### ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ
### ଜଳିଗଲା ଚା'ଦୋକାନ, ମାଲିକ ଗୁରୁତର

**ତିଗିରିଆ,୧୫।୧୧(ଡି.ଏନ୍.ଏ.):** ତିଗିରିଆ ଥାନା ଶୁଣ୍ଡିପାଳ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ସିଲିଣ୍ଡର ଗ୍ୟାସ ଲିକ୍ ହୋଇ ଏକ ଚା'ଦୋକାନ ଜଳିଯାଇଛି। ଏଥିରେ ଦୋକାନ ମାଲିକ ସୁରେଶ କୁମାର ପଣ୍ଡା (୪୫) ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରୁ ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଛି। ସକାଳ ପ୍ରାୟ ୯ଟା ବେଳେ ସୁରେଶ ଦୋକାନରେ ଚା' ତିଆରି କରୁଥିଲେ। ଏହି ସମୟରେ ସିଲିଣ୍ଡର ଗ୍ୟାସ୍ ଲିକ୍ ହୋଇ ଦୋକାନରେ ନିଆଁ ଲାଗିଥିଲା। ଫଳରେ ଦୋକାନ ଭିତରେ ଥିବା ସୁରେଶ ଗୁରୁତର ହୋଇଥିଲେ। ଏହି ସମୟରେ ପାଖରେ ଥିବା ଝିଅ ଶୁଭଲକ୍ଷ୍ମୀ(୮)ଙ୍କୁ ସେ ଦୋକାନ ବାହାରକୁ ଠେଲିଦେଇଥିଲେ। ଫଳରେ ଝିଅଟି ସାମାନ୍ୟ ଆହତ ହୋଇଥିଲେ। ତିଗିରିଆ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତିଗିରିଆ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି। ନିଆଁରେ ଦୋକାନରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି।

### ଗାଡ଼ି ଧକ୍କାରେ ଯୁବକ ମୃତ

**ଲଳିତଗିରି,୧୫।୧୧(ସ୍ୱ.ପ୍ର.):** ପାରାଦୀପ-ଦୈତାରୀ ୫ (କ) ଜାତୀୟ ରାଜପଥର ମାହାଙ୍ଗା ଥାନା ଅନ୍ତର୍ଗତ କଉଡକୋଲ ଛକରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳିପୁର ଅଞ୍ଚଳର ମନସୁର ଅଲ୍ଲୀ। ଖବର ପାଇ ମାହାଙ୍ଗା ଆଇଆଇସି ରଞ୍ଜନ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏଥିସହ ମାମଲା (ନଂ. ୨୩୬/୧୯)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି।




ଭୁବନେଶ୍ୱର ସୂଚନାଭବନରେ ଅନୁଷ୍ଠିତ ଶହୀଦ ବିର୍ସା ମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

### 'ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଯୁବପିଢ଼ି'

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଙ୍ଗଠନ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଶହୀଦ ବିର୍ସା ମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ମାନବବାଦର ପ୍ରଚାର ଓ ଆଦିବାସୀଙ୍କ ସ୍ୱାର୍ଥରକ୍ଷା ଲାଗି ସଂଘର୍ଷ ତଥା ଦେଶ ପାଇଁ ଶହୀଦ ବିର୍ସା ମୁଣ୍ଡାଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା। ତାଙ୍କର ଦେଶପ୍ରେମ ଓ ଜୀବନାଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ ଯୋଗଦେଇ କହିଲେ ଯେ, ବିର୍ସା ମୁଣ୍ଡା ପ୍ରତିକୂଳ ପରିସ୍ଥିତିରେ ସାମ୍ନା କରି ଔପଚାରିକ ଶିକ୍ଷାର ଅଭାବ ସତ୍ତ୍ୱେ ବ୍ରିଟିଶ ସରକାର ଏବଂ ଆଦିବାସୀଙ୍କୁ ଶୋଷଣ କରୁଥିବା ସାହୁକାରଙ୍କ ବିରୋଧରେ ସଂଗ୍ରାମ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପ୍ରଭାସ କୁମାର ସିଂ, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସୁନ୍ଦରଗଡ଼ ବିଧାୟକ କୁସୁମ ଟେଟେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୂଚନା ଅଧିକାରୀ ଦୀପ୍ତିମୟୀ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଭାଗୀୟ ଉପ-ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଶହୀଦ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଧାରିତ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ପ୍ରତ୍ୟେକ ଶିଶୁ ପାଖରେ ସୃଜନଶୀଳ ଶକ୍ତି ରହିଛି

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**



ଛାୟା ବିଧାନସଭାରେ ଭାଗନେଇଥିବା ଛାତ୍ରୀଛାତ୍ର।

ପ୍ରତ୍ୟେକ ଶିଶୁ ପାଖରେ ସୃଜନଶୀଳ ଶକ୍ତି ରହିଛି। ଶିଶୁକୁ ପ୍ରୋତ୍ସାହନ ମିଳିଲେ ତା'ଭିତରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇ ସେ ଆଗକୁ ବଢ଼ିବାକୁ ଚେଷ୍ଟା କରିଥାଏ ଓ ବଡ଼ ମଣିଷ ହୋଇଥାଏ। ଶିଶୁମାନଙ୍କ ଭିତରେ ସରଳପଣିଆ ରହିଥାଏ, ଯାହା ତାଙ୍କୁ ଆଗକୁ ଯିବା ପାଇଁ ବାଟ କଢ଼ାଇନିଏ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ର ଦ୍ୱିତୀୟ ସନ୍ଧ୍ୟାରେ ମନ୍ତ୍ରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, 'ସୁରଭି' ପିଲାମାନଙ୍କ ମଧରେ ଆନନ୍ଦ, ଉତ୍ସାହ ଭାବ ସୃଷ୍ଟି କରିଥାଏ। ଏହାଦ୍ୱାରା ଶିଶୁର ଲୁକ୍କାୟିତ ପ୍ରତିଭାର ବିକାଶ ସମ୍ଭବ ହୋଇପାରେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅଧକ୍ଷତା କରି କହିଲେ ଯେ, ଓଡ଼ିଶାର ପ୍ରଗତିକୁ ଭାରତର ଅନ୍ୟ ରାଜ୍ୟଗୁଡ଼ିକ ସହ ସମକକ୍ଷ କରିବାକୁ ପଡ଼ିବ। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଚିତ୍ରା ଅରୁମୁଗମ୍, ୟୁନିସେଫ୍ ମୁଖ୍ୟ କ୍ଷେତ୍ର ଅଧିକାରୀ ମୋନିକା ନିଲ୍‌ସନ୍, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଏଲିମେଣ୍ଟାରି ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲାରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ଛାୟା ବିଧାନସଭା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଏକ ନାଟକ ପରିବେଷଣ କରାଯାଇଥିଲା।

### ଜନଜାତି ଯୁବପିଢ଼ି ହେବେ ରୋଲ୍‌ମଡେଲ୍

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଦକ୍ଷତା ବିକାଶ ମାଧମରେ ପ୍ରତ୍ୟେକ ଜିଲାରେ ୩୦ଜଣ ଜନଜାତି ରୋଲ୍-ମଡେଲ୍ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ) ଅଧକ୍ଷ ସୁବ୍ରତ ବାଗ୍‌ଚୀ। ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତରଫରୁ ଓଏସ୍‌ଡିଏ ସହଯୋଗରେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁସୂଚିତ ଜାତି ବର୍ଗର ଦକ୍ଷତା ବିକାଶ ନିମନ୍ତେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଅବସରରେ ସମଗ୍ର ରାଜ୍ୟରେ ୧ହଜାର ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ରୋଲ୍-ମଡେଲ୍ ତିଆରି କରିବାକୁ ବାଗ୍‌ଚୀ କହିଛନ୍ତି। ଏଥିଲାଗି ଆସନ୍ତା ବର୍ଷେ ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ଜନଜାତିଙ୍କ ମଧରେ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଯୁବଗୋଷ୍ଠୀଙ୍କ ନିମନ୍ତେ ନିଯୁକ୍ତି ଓ ଔଦ୍ୟୋଗିକତା କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଛି। ଦକ୍ଷତା ବିକାଶ ଓ ସଶକ୍ତୀକରଣ, ଭୌଗୋଳିକ ଗତିଶୀଳତା, ବଜାର ସୃଷ୍ଟି ଓ ଜୀବନ ଧାରଣର ମାନବୃଦ୍ଧି ଦ୍ୱାରା ସେମାନେ

#### ଦକ୍ଷତା ବିକାଶ ଚିନ୍ତା

ସାମାଜିକ ଓ ଅର୍ଥନୈତିକଭାବେ ବିକଶିତ ହୋଇପାରିବେ। ନିଜେ ଜଣେ ଜଣେ ରୋଲ୍-ମଡେଲ୍ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବେ ବୋଲି ସେ କହିଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସହିତ ସମନ୍ୱୟ ରକ୍ଷା କରାଯାଇ ଆଦିମ ଜନଜାତି ଗୋଷ୍ଠୀର ଉନ୍ନୟନ ଓ ଦକ୍ଷତା ବିକାଶ ନିମନ୍ତେ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂ ସୂଚନା ଦେଇଥିଲେ। ଭିତ୍ତିଭୂମି ବିକାଶ ଓ ହଷ୍ଟେଲ୍ ସୁବିଧା ମାଧମରେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ ଗ୍ରାମପଞ୍ଚାୟତ ଓ ବ୍ଲକ୍ ଭଳି ତୃଣମୂଳସ୍ତରରେ ଥିବା ଆଇଟିଆଇ ଏବଂ ଦକ୍ଷତା ବିକାଶ କେନ୍ଦ୍ରକୁ ତାଲିମ ପାଇଁ ଆକୃଷ୍ଟ କରିବାକୁ ସିଂ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ ଆଇଟିଡିଏ ଓ ଓଏସ୍‌ଏଫ୍‌ଡିସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ଡ. ଅଖିଳ ବିହାରୀ ଓତା, ନିୟୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା ଓ ଡିଟିଇଟି ନିର୍ଦ୍ଦେଶକ ରେଘୁ ଜି ଉପସ୍ଥିତ ଥିଲେ।

ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।

-ଫ୍ରାଙ୍କଲିନ



## ସଂକ୍ଷେପରେ

### ଛାତ୍ରଙ୍କୁ ମାଡ଼ ମାରି ଲୁଟ: ୨ ଗିରଫ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ):** ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ଛାତ୍ରଙ୍କୁ ମାଡ଼ ମାରି ତାଙ୍କ ନିକଟରୁ ମୋବାଇଲ ଫୋନ୍ ଓ ୧୦ ହଜାର ଟଙ୍କା ଲୁଟ ଘଟଣାରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅଧୀନ ସରକନ୍ତରା ଅଞ୍ଚଳର ସୁନୀଲ ପରଡ଼ା ଓ ଯଦୁପୁର ଅଞ୍ଚଳର ବଚନ ଖାନ୍ । ସୂଚନା ମୁତାବକ, ଖଣ୍ଡଗିରି ଥାନା ଅଧୀନ ଆଇଟିଆର୍ କଲେଜରେ ପାଠ ପଢୁଥିବା ଆକାଶ ଦୀପ ଡୁମଡୁମା ଅଞ୍ଚଳରେ ରୁହନ୍ତି। ଗତ ଅକ୍ଟୋବର ୨୮ରେ ସେ କଲେଜ ସାରି ଘରକୁ ଫେରୁଥିଲେ। ଡୁମଡୁମା ଅଞ୍ଚଳରେ ସୁନିଲ ଓ ବଚନ ଏକ ବାଇକରେ ପହଞ୍ଚି ତାଙ୍କ ମାଡ଼ ମାରିଥିଲେ। ଏଥିସହ ତାଙ୍କ ନିକଟରୁ ମୋବାଇଲ ଫୋନ୍ ଓ ପର୍ସ ସମେତ ସେଥିରେ ଥିବା ୧୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏ ସଂକ୍ରାନ୍ତରେ ଆକାଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୬୦୯/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଲୁଟ ମୋବାଇଲ ଫୋନ୍‌କୁ ଟ୍ରାକ କରି ପୋଲିସ ଖଣ୍ଡଗିରି ଅଞ୍ଚଳରୁ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏଥିସହ ଲୁଟ ମୋବାଇଲକୁ ଜବତ କରାଯାଇଛି।

### ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

**ବାଲିପାଟଣା,୧୫।୧୧(ଡି.ଏନ୍.ଏ):** ବାଲିପାଟଣା ବ୍ଲକର ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଛି। ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ବାଲିପାଟଣାସ୍ଥିତ ବାଗଦେବୀ ବିଦ୍ୟାମନ୍ଦିରର ଅରସ୍ମିତା ପ୍ରଧାନ ପ୍ରଥମ ଓ ସୌମ୍ୟ ରଞ୍ଜନ ପଣ୍ଡା ଦ୍ୱିତୀୟ, ଦୋରବାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରତ୍ୟାଶା ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମେଧା ବୃତ୍ତି ପରୀକ୍ଷାରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୭ଜଣ ବୃତ୍ତି ପାଇଛନ୍ତି। ସେହିପରି ଗରିବ ମେଧାବୃତ୍ତିରେ ବିଭିନ୍ନ ବିଦ୍ୟାଳୟରୁ ୭ଜଣ ପାଇଛନ୍ତି। ବାଗଦେବୀ ବିଦ୍ୟାମନ୍ଦିରର ଆୟୁଷ୍ମାନ ପ୍ରଧାନ, ବଦଳା ସରସ୍ୱତୀ ଶିଶୁ ମନ୍ଦିରର ଶକ୍ତି ରଞ୍ଜନ ରଥ ଓ ବାଗଲପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବସନ୍ତ ଦାସ ପାଇଛନ୍ତି। ବାଗଦେବୀ ବିଦ୍ୟା ମନ୍ଦିରର ପଞ୍ଚମ ଶ୍ରେଣୀର ମୋନାଲିସା ଆଚାର୍ଯ୍ୟ ଓ ସଞ୍ଜିବନୀ ଦାସ ଦ୍ୱିତୀୟ ସ୍ଥାନ, ବଦଳା ଶିଶୁ ମନ୍ଦିରର ରୁଦ୍ର ନାରାୟଣ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହିଭଳି ବିଭିନ୍ନ ବିଦ୍ୟାଳୟରୁ ୭ଜଣ ମେଧା ବୃତ୍ତି ପାଇଛନ୍ତି। ପଞ୍ଚମ ଗରିବ ମେଧାବୃତ୍ତିରେ ନରିଶୋ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜ୍ୟୋତ୍ସ୍ନାରାଣୀ ଜେନା ପ୍ରଥମ, ବିଶ୍ୱନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସସ୍ମିତା ପାଣିଗ୍ରାହୀ ଦ୍ୱିତୀୟ ଓ ଗରିଆ ପ୍ରାଥମିକ ବିଦ୍ୟାଳୟର ସ୍ମୃତିରଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

### ଶିଶୁ ଦିବସ ପାଳିତ

**ବାଲିଅନ୍ତା,୧୫।୧୧(ଡି.ଏନ୍.ଏ):** ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ଗୁରୁବାର ଶିଶୁ ଦିବସ ଉପଲକ୍ଷେ ଶିଶୁ ମହୋତ୍ସବ 'ସେଫାଳି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତା ଗୋଲକ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାକୁ ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ କର୍ପୋରେଟର ସୁକୁମାର ସାହୁ, ସଭ୍ୟ ଡମ୍ବରୁଧର ଜେନା, ପଦ୍ମଲୋଚନ ବେହେରା ଓ ଜୟଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ୭୦ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବକୁ ହେମନ୍ତ ନାୟକ ଓ ବିଶ୍ୱଭୂଷଣ ବାରିକ ପରିଚାଳନା କରିଥିଲେ। ସେହିପରି ଭୁବନେଶ୍ୱର ମହାନଗର ନିଗମର ୧୮ନଂ. ୱାର୍ଡ ଅଧୀନ ପାଣ୍ଡରା ହାଇଟେକ ବସ୍ତିରେ ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ପାଠଶାଳାରେ ଶିଶୁ ଦିବସ ପାଳିତ ହୋଇଯାଇଛି।

■ ଆଇଏମ୍ଏମ୍‌ଟି ପରିସରରୁ ଜମି ଅଧିଗ୍ରହଣକୁ ବିରୋଧ

# ବିଡିଏ ସ୍କ୍ୱାଡ୍ – ବୈଜ୍ଞାନିକ ମୁହାଁମୁହିଁ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଆଚାର୍ଯ୍ୟବିହାରସ୍ଥ ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍ଏମ୍‌ଟି) ପରିସରରୁ ଜମି ଅଧିଗ୍ରହଣ କରିବାକୁ ଆସି ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ବିରୋଧର ସମ୍ମୁଖୀନ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଅଧିକାରୀମାନେ ଏହି ଜମି ଅଧିଗ୍ରହଣ କରିବାକୁ ଯାଇଥିବାବେଳେ ଆଇଏମ୍ଏମ୍‌ଟିର କେତେଜଣ ବୈଜ୍ଞାନିକ ସେମାନଙ୍କୁ ବିରୋଧ କରିବା ସହ ଧାରଣା ଦେଇଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ମୁତାବକ, ୧୯୬୪ ମସିହାରେ ଆଇଏମ୍ଏମ୍‌ଟିକୁ ୨୦୦ ଏକର ଜମି ଯୋଗାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଓକାକ୍, ପ୍ଲାନେଟୋରିୟମ ନିର୍ମାଣ ପାଇଁ ଏଥିରୁ ୨୩ ଏକର ଜମି ବାଦ୍ ପଡ଼ିଥିଲା। ତେବେ ଅବଶିଷ୍ଟ ୧୭୭ ଏକର ଜମି ରେଜିଷ୍ଟ୍ରେଶନ ପାଇଁ ନିର୍ଦ୍ଧାରଣ କରାଯାଇଥିଲା। ହେଲେ ଭୁଲ୍‌ବଶତଃ ରେଜିଷ୍ଟ୍ରେଶନ ସମୟରେ ୧୪୪ ଏକର ଜମି ଆଇଏମ୍ଏମ୍‌ଟିକୁ ମିଳିଥିଲା। ରାଜ୍ୟ ସରକାର ବଳକା ୩୩ ଏକର ଜମିରୁ ୧୯ ଏକର ଜମି ଫେରାଇ ନେବା ଲାଗି ଅନୁଷ୍ଠାନ ସହ ଆଲୋଚନା କରିଥିଲେ। ୧୯ ଏକର ଜମି ନେବା ପରେ ବଳକା ୧୪ ଏକର ଜମି ଅନୁଷ୍ଠାନ ନାମରେ ସରକାର ରେଜିଷ୍ଟ୍ରେଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ପ୍ରଶାସନ ବିଭାଗ ବିଡିଏକୁ ସମ୍ପୃକ୍ତ ୩୩ ଏକର ଜମି ଚିହ୍ନଟ କରିବାକୁ କହିଥିଲା। ଶୁକ୍ରବାର ବିଡିଏ ସ୍କ୍ୱାଡ୍ ଏହି ଜମି ଦେଖିବାକୁ ଯାଇଥିବାବେଳେ ବୈଜ୍ଞାନିକମାନେ ବିରୋଧ କରିଥିଲେ।



ଆଇଏମ୍ଏମ୍‌ଟି ପରିସରରେ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ବିରୋଧ କରାଯାଉଛି।




ରେଲୱେ ଅଡିଟୋରିୟମଠାରେ ଶୁକ୍ରବାର ଆନ୍ତର୍ଜାତିକ ଶିଶୁ ଓ ଯୁବ ମହୋତ୍ସବ 'ଅଞ୍ଜଳି' ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ପୋଢୁଆଁ ହେବେ ଶ୍ରୀକପିଳେଶ୍ୱର

**ପୁରୁଣା ଭୁବନେଶ୍ୱର, ୧୫। ୧୧ (ଡି.ଏନ.ଏ.)**

ଆସନ୍ତା ୨୦ ତାରିଖରେ ପୋଢୁଆ ଅଷ୍ଟମୀ। ପୋଢୁଆ ହେବେ ମହାପ୍ରଭୁ ଶ୍ରୀକପିଳେଶ୍ୱର ଦେବ। ଏଥିପାଇଁ କୈବର୍ତ୍ତସାହିରେ ପୂଜା ପାଉଥିବା ମାମୁ ଶ୍ରୀଖୁଣ୍ଟୁକେଶ୍ୱର ମହାଦେବଙ୍କ ପକ୍ଷରୁ ନବବସ୍ତ୍ର ଆସିବ। ବିଧି ମୁତାବକ କପିଳେଶ୍ୱର ଦେବଙ୍କ ପୀଠରେ ପହଞ୍ଚିବା ପରେ ଠାକୁର ପୋଢୁଆ ହେବେ। କୈବର୍ତ୍ତ ବେହେରାମାନଙ୍କ ପକ୍ଷରୁ ଏହି କାର୍ଯ୍ୟ ସମ୍ପାଦନ କରାଯାଇଥାଏ। ଚଳିତବର୍ଷ ମଧ ପୋଢୁଆ ଅଷ୍ଟମୀର ପୂର୍ବଦିନ ନବବସ୍ତ୍ର ଶ୍ରୀଲିଙ୍ଗରାଜ କୈବର୍ତ୍ତ ସେବାୟତ ଟ୍ରଷ୍ଟ ପକ୍ଷରୁ ପ୍ରେରଣ କରିବାକୁ ବ୍ୟବସ୍ଥା କରାଯାଇଛି। ସେଦିନ ବାଜା, ବାଣ, ରୋଷଣୀ ଏବଂ ଆଧାତ୍ମିକ କାର୍ଯ୍ୟକ୍ରମର ଶୋଭାଯାତ୍ରାରେ ତାଳେ ତାଳେ ଏହି ନବବସ୍ତ୍ରକୁ ସେବାୟତମାନେ ଧରି ଶ୍ରୀକପିଳେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ବ୍ୟବସ୍ଥା ଶେଷ ହୋଇଥିବା ଟ୍ରଷ୍ଟ ସମ୍ପାଦକ ବାସୁଦେବ ବେହେରା କହିଛନ୍ତି। ଲକ୍ଷ୍ମୀଧର ବେହେରା, ବୃନ୍ଦାବନ ବେହେରା, ଗଗନ ବେହେରା ପ୍ରମୁଖ ଟ୍ରଷ୍ଟି ସଦସ୍ୟ ପ୍ରସ୍ତୁତି କାର୍ଯ୍ୟରେ ସହଯୋଗ କରୁଛନ୍ତି।

■ ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ପ୍ରତିଯୋଗିତା

# ଓଡ଼ିଆରେ ଅମିତ୍, ଇଂଲିଶରେ ଆକାଂକ୍ଷା ପ୍ରଥମ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ଏବଂ ଇଂଲିଶ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୨୦ରୁ ଉର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ମଧୁସୂଦନ ଆଇନ ମହାବିଦ୍ୟାଳୟର ଅମିତ କୁମାର ଦେବନାଥ ପ୍ରଥମ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପଲ୍ଲବିତା ସାହୁ ଦ୍ୱିତୀୟ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବିଶ୍ୱରଞ୍ଜନ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆକାଂକ୍ଷା ମହାପାତ୍ର ପ୍ରଥମ, ଏସ୍‌ସିବି ମେଡିକାଲ କଲେଜର ପ୍ରୀତିମାନ ମିଶ୍ର ଦ୍ୱିତୀୟ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଦିବ୍ୟସ୍ୱରୂପା ମହାନ୍ତି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଲୋକସମ୍ପର୍କ ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଡ. ଲେନିନ୍ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ, ବରିଷ୍ଠ ଖବରଦାତା ଡ. ଅଶୋକ ଚନ୍ଦ୍ର ପଣ୍ଡା, ଗୁରୁକଲ୍ୟାଣ ମହାପାତ୍ର, ଦିଲ୍ଲୀପ ବିଶୋୟୀ ବିଚାରକ ଭାବେ ଯୋଗଦେଇଥିଲେ। ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁଭାଷ ସୂପକାର ଉପସ୍ଥିତ ଥିବାବେଳେ ବରିଷ୍ଠ ସୂଚନା ଅଧିକାରୀ ସୂର୍ଯ୍ୟ ରଞ୍ଜନ ମହାନ୍ତି, ସହକାରୀ ନିର୍ଦ୍ଦେଶକ (ରଚନା) ବିଶ୍ୱଜିତ ଦାଶ, ସହକାରୀ ସୂଚନା ଅଧିକାରୀ ସୁଜିତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୬ତାରିଖ ପୂର୍ବାହ୍ନ ୧୧ଟାରେ ଗୀତଗୋବିନ୍ଦ ସଦନରେ ବିଭାଗ ପକ୍ଷରୁ ହେବାକୁ ଥିବା ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ୪୦୦ ଲିଟର ରନ୍ଧାମଦ ଜବତ, ୨ ଗିରଫ



**କଟକ ରୋଡ,୧୫।୧୧(ଡି.ଏନ୍.ଏ):** ଭୁବନେଶ୍ୱର ଅବକାରୀ ଓ ମୋବାଇଲ ସ୍କ୍ୱାଡ୍ ଶୁକ୍ରବାର ଚନ୍ଦକା ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୨ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ମାଜଣା ଗ୍ରାମର ଅଭି ସାହୁ ଓ ବିନ୍ଧ୍ୟଗିରିର ଛବି ସାହୁ। ଏମାନଙ୍କ ଠାରୁ ୪୦୦ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୭୦ହଜାର ଟଙ୍କା ହେବ ବୋଲି ସ୍କ୍ୱାଡ୍ ପକ୍ଷରୁ କୁହାଯାଇଛି। ଏ ନେଇ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା (ନଂ. ୬୨/୨୦୧୯-୨୦୨୦)ରୁଜୁ ହୋଇଛି। ଉକ୍ତ ଚଢ଼ାଉରେ ଅବକାରୀ ରେଞ୍ଜ ଇନ୍‌ସପେକ୍ଟର ଦେବାଶିଷ ପଟେଲ, ଏସ୍‌ଆଇ ହିତାଂଶୁ ଶେଖର ମଲ୍ଲିକ, ସୁଜିତ୍ କୁମାର ମୁଦୁଲି, ସୁବାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

■ ଭୁବନେଶ୍ୱର ଦମକଳ କେନ୍ଦ୍ର ପରିଦର୍ଶନ କଲେ ଗୃହ ରାଷ୍ଟ୍ରମନ୍ତ୍ରୀ

# ଆଧୁନିକ ଜ୍ଞାନକୌଶଳ, ସରଞ୍ଜାମ ବ୍ୟବହାରକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଶକ୍ତି, ଶିଳ୍ପ, ଏମ୍ଏସଏମ୍ଇ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଶୁକ୍ରବାର ଅପରାହ୍ନରେ ଅଚାନକ ଭୁବନେଶ୍ୱର ଫାୟାରଷ୍ଟେଶନ ଛକସ୍ଥିତ ଦମକଳ କେନ୍ଦ୍ର ପରିଦର୍ଶନ କରିଥିଲେ। ବାତ୍ୟା ସମୟରେ ରାସ୍ତା ପଡ଼ିଥିବା ବଡ଼ ବଡ଼ ଗଛ କାଟିବା ପାଇଁ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତି ଆଦି ବୁଲି ଦେଖିବା ସହ କୁଇକ୍ ରେସ୍‌ପନ୍ସ ୟୁନିଟ କିପରି କାର୍ଯ୍ୟ କରୁଛି ସେ ବିଷୟରେ ପଚାରି ବୁଝିଥିଲେ। ଫାୟାର କଣ୍ଟ୍ରୋଲ ରୁମ୍ ପରିଦର୍ଶନ କରିବା ସହିତ ବିମାନ ବନ୍ଦର ଏବଂ ଆର୍‌ବିଆଇ ସହ ଭୁବନେଶ୍ୱର ଦମକଳ କେନ୍ଦ୍ରରେ ଯୋଗଯୋଗ ବ୍ୟବସ୍ଥା ଯାଞ୍ଚ କରିଥିଲେ। ବିଭିନ୍ନ ଆଡୁ ଆସୁଥିବା ଜରୁରୀ କଲ୍ ଗ୍ରହଣ ଏବଂ ତତ୍‌କ୍ଷଣାତ କାର୍ଯ୍ୟାରମ୍ଭ ସହ ସରକାରଙ୍କ ୫-ଟି ବ୍ୟବସ୍ଥା ଦମକଳ କେନ୍ଦ୍ରରେ କେତେ ମାତ୍ରାରେ କାର୍ଯ୍ୟକାରୀ ହେଉଛି ସେନେଇ ତଦାରଖ କରିଥିଲେ। ୨୨ ମହଲା ପର୍ଯ୍ୟନ୍ତ ଉପରକୁ ଯାଇ ନିଆଁ ଲିଭାଇବା ଏବଂ ଉଦ୍ଧାର କାର୍ଯ୍ୟରେ ବ୍ୟବହାର ହେଉଥିବା ହାଇଡ୍ରୋଲିକ୍ ସ୍କାଏ ଲିଫ୍ଟରେ ନିଜେ ଉପରକୁ ଯାଇ ଏହା କିପରି କାଯ୍ୟ କରୁଛି ତାହା ଅନୁଧ୍ୟାନ କରିଥିଲେ। ଆଧୁନିକ ଜ୍ଞାନକୌଶଳ ଓ ସମୟପୋଯୋଗୀ ସରଞ୍ଜାମ ବ୍ୟବହାର ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ମୁଖ୍ୟ ଅଗ୍ନିଶମ ଅଧିକାରୀ ସୁକାନ୍ତ ସେଠୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ଶୁକ୍ରବାର ଓଡ଼ିଶା ରେଲୱେ ହକର୍ସ ୟୁନିୟନ (ସିଆଇଟିୟୁ) ପକ୍ଷରୁ ବିଭିନ୍ନ ଦାବି ନେଇ ବିଧାନସଭା ସମ୍ମୁଖରେ ଧାରଣା ଦିଆଯାଇଛି।

# ବର୍ଦ୍ଧିତ ମାଟ୍ରିକ ପରୀକ୍ଷା ଫି' ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**କଟକ ଅଫିସ, ୧୫।୧୧**

ବର୍ଦ୍ଧିତ ମାଟ୍ରିକ ପରୀକ୍ଷା ଫି' ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାମୁଦ୍ରିକ ଝଡ଼ ପ୍ରଭାବରେ ଅନେକ ଗରିବ ଲୋକଙ୍କ ଜୀବିକା ନଷ୍ଟ ହୋଇଛି। ଉପକୂଳ ଜିଲାଗୁଡିକର ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି। ଏଭଳି ପରିସ୍ଥିତିରେ ପରୀକ୍ଷା ଫି' ସମ୍ପୂର୍ଣ୍ଣ ଛାଡ କରିବା ପରିବର୍ତ୍ତେ ବୋର୍ଡ କର୍ତ୍ତୃପକ୍ଷ ମାଟ୍ରିକ ପରୀକ୍ଷା ଫି' ୧୦୦ ଟଙ୍କା ବୃଦ୍ଧି କରିଛନ୍ତି। ଯାହାକି ଛାତ୍ରୀଛାତ୍ରଙ୍କୁ ଆର୍ଥିକଭାବେ ଶୋଷଣ କରିବା ସହ ମାନସିକ ଭାବେ ଭାରାକ୍ରାନ୍ତ କରିବ। ଫି' ବୃଦ୍ଧି ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ। ଏ ଦିଗରେ ବୋର୍ଡ କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ବୋଲି ଏଆଇଡିଏସ୍‌ଓ ପକ୍ଷରୁ କୁହାଯାଇଛି। ଏଆଇଡିଏସ୍‌ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ରାଜ୍ୟ ଉପସଭାପତି ସିଦ୍ଧାର୍ଥ ରଥ, ବବି ବଳବନ୍ତରାୟ, ରାଜ୍ୟ କମିଟି ସଦସ୍ୟ ସ୍ୱସ୍ତି ସଙ୍ଗୀତା ଦଳାଇ, କଟକ ଜିଲା କମିଟି ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, ଛାତ୍ରନେତା ଇଶା ଧର ପ୍ରମୁଖ ଉପସ୍ଥିତ ଥିଲେ।

## ଅପମିଶ୍ରିତ ସାର ଚିହ୍ନଟ ପ୍ରଶିକ୍ଷଣ ଶିବିର

**ବାଲିଅନ୍ତା,୧୫।୧୧(ଡି.ଏନ.ଏ.)**

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରାସାୟନିକ ସାର ଅପମିଶ୍ରଣର ଚିହ୍ନଟ ଓ ନିରାକରଣ ଉପରେ ଏକ ଚାଷୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତରୁ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ରାଜ୍ୟ ମାନ ନିୟନ୍ତ୍ରଣ ପରୀକ୍ଷାଗାରର ବିଶେଷଜ୍ଞ ରବିନାରାୟଣ ପଣ୍ଡା, ନିରଦ ନଳିନୀ ଦାସ ଓ ତୁଷାରକାନ୍ତି ତୁଙ୍ଗ ପ୍ରମୁଖ ଯୋଗଦେଇ ସାର ଅପମିଶ୍ରଣ ଜାଣିବାର ବିଭିନ୍ନ ପରୀକ୍ଷା କରି ଚାଷୀଙ୍କୁ ଦେଖାଇଥିଲେ। ଚାଷୀ କିପରି ଏହାକୁ ସହଜରେ ଜାଣିପାରିବେ ଓ ଏହାର ନିରାକରଣ କରିବାର ଉପାୟ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ସହକାରୀ କୃଷି ଅଧିକାରୀ ମନୋରଞ୍ଜନ ରାଉଳ ଓ ବିଟିଏମ ପ୍ରଶାନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ।

# ବିଦ୍ୟୁତ୍ ଚୋରି ସୂଚନା ଦେଇ ପୁରସ୍କୃତ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ):** ବିଦ୍ୟୁତ ଚୋରି ସମ୍ପର୍କରେ ସୂଚନା ଦେଇଥିବା ୧୩ଜଣ ବ୍ୟକ୍ତିଙ୍କୁ ଶୁକ୍ରବାର ସେସୁ ପକ୍ଷରୁ ପୁରସ୍କୃତ କରାଯାଇଛି। ପୁରୀ, ନିମାପଡ଼ା, ଢେଙ୍କାନାଳ ଓ ଭୁବନେଶ୍ୱରର ଏହି ସୂଚନାଦାତାମାନଙ୍କୁ ପୁରସ୍କାର ରାଶି ବାବଦରେ ମୋଟ ୭୮ହଜାର ୬୦୦ ଟଙ୍କା ପ୍ରଦାନ କରାଯାଇଛି।

**୧୩ଜଣଙ୍କୁ ମିଳିଲା ୭୮ ହଜାର ୬୦୦ ଟଙ୍କା**

ରାଜ୍ୟରେ ବିଦ୍ୟୁତ ଚୋରି ରୋକିବାକୁ ସଚେତନ ନାଗରିକଙ୍କ ସାହାଯ୍ୟ ନେବା ନିମନ୍ତେ ସେସୁ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। 'ଚୋରି ପୁରସ୍କାର ଯୋଜନା' ନାମରେ ସେସୁ ଏହି ଅଭିଯାନ ଆରମ୍ଭ କରିଛି। '୯୪୩୭୧୫୮୬୭୦' ନମ୍ବରରେ ଏସ୍ଏମ୍ଏସ୍ ଏବଂ ହ୍ୱାଟ୍ସଆପ୍ ଯୋଗେ ଯିଏ ସୂଚନା ଦେଉଛନ୍ତି, ସେସୁ ପକ୍ଷରୁ ସେମାନଙ୍କୁ ଜରିମାନାର ୧୦% ଅର୍ଥ ପୁରସ୍କାର ଆକାରରେ ପ୍ରଦାନ କରୁଛି। ସୂଚନା ପ୍ରଦାନକାରୀଙ୍କ ନାମ ଓ ଠିକଣା ଗୁପ୍ତ ରହିବ ବୋଲି ସେସୁ ପକ୍ଷରୁ କୁହାଯାଇଛି।

## ଫଟୋରେ ଖବର




ପୁରୀ ଜିଲା ପିପିଲି ପଞ୍ଚାୟତର ଜଗନ୍ନାଥପୁର ଫନୀ କ୍ଷତିଗ୍ରସ୍ତଙ୍କ ଶୁକ୍ରବାର ଭୁବନେଶ୍ୱର ସତ୍ୟନଗର ତୋଷାଳି ଲୋକାୟୁକ୍ତ ଅଫିସ ସମ୍ମୁଖରେ ଧାରଣା।




ଓଏସଏସଟିଇଟି ଉତ୍ତୀର୍ଣ୍ଣ ତାଲିମପ୍ରାପ୍ତ ଅଣନିଯୁକ୍ତ ଟିଚର ଆସୋସିଏଶନ ପକ୍ଷରୁ ଖାଲିପଡିଥିବା ପଦବୀ ପୂରଣ ଦାବିରେ ଶୁକ୍ରବାର ପିଏମଜି ଛକରେ ବିକ୍ଷୋଭ ପ୍ରଦର୍ଶନି ।




ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ନିଶା ବିରୋଧରେ ଅବକାରୀ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଶୁକ୍ରବାର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ବିକ୍ଷୋଭ।



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।

-ଫ୍ରାଙ୍କଲିନ



## ସଂକ୍ଷେପରେ

### ମିଶନ ଜିରୋ-ଏଫ୍‌ର ସଫଳତା ପାଇଁ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ

**ବାଙ୍କୀ,୧୫।୧୧(ସ୍ୱ.ପ୍ର.):** ମିଶନ ଜିରୋ-ଏଫ୍‌କୁ ସଫଳ କରାଇବା ପାଇଁ ବାଙ୍କୀ ବ୍ଲକ ବ୍ରହ୍ମପୁରା ପଞ୍ଚାୟତ ଅନ୍ତର୍ଗତ ରଘୁନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ୨୩ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବାଙ୍କୀ ବ୍ଲକ ଶିକ୍ଷାଧିକାରୀ ଅଶୋକ କୁମାର ମହାନ୍ତି ପ୍ରଥମେ ପ୍ରଧାନ ଶିକ୍ଷକମାନଙ୍କୁ ସେମାନଙ୍କ ସ୍କୁଲରେ ୧୦ମ ଶ୍ରେଣୀରେ ପାଠ ପଢୁଥିବା ଦୁର୍ବଳ ପିଲାମାନଙ୍କ ତାଲିକା ମାଗିଥିଲେ। ଏଥିସହ ସେମାନଙ୍କ ଅତିରିକ୍ତ କ୍ଲାସରେ ପାଠପଢ଼ା କିପରି ଉନ୍ନତି ହେଉଛି ସେସମ୍ପର୍କରେ ପଚାରି ବୁଝିଥିଲେ। ଇଂଲିଶ୍, ଗଣିତ, ବିଜ୍ଞାନ ପାଠ୍ୟକ୍ରମକୁ ସରଳ ଉପାୟରେ ପିଲାଙ୍କୁ ପଢ଼ାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ପିଲାମାନଙ୍କୁ ଭୟ ନ ଦେଖାଇ ସ୍ନେହର ସହ ପାଠ ପଢାଇବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ୧୦ଜଣ ସିଆରସିସି ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ ।

### ଶ୍ରମିକ ସଙ୍ଗଠନ ପକ୍ଷରୁ ସହାୟତା ପ୍ରଦାନ

**ନିଶ୍ଚିନ୍ତକୋଇଲି, ୧୫ ।୧୧(ସ୍ୱପ୍ର):** ଓଡିଶା ମିଳିତ ନିର୍ମାଣ ଶ୍ରମିକ ସଙ୍ଗଠନ ପକ୍ଷରୁ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ, ଏହି ସଙ୍ଗଠନର ନେତା କୁମର ଦାସଙ୍କ ଝିଅର ଅପରେସନ ପାଇଁ ଅର୍ଥ ବାଧକ ସାଜିଥିଲା। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଝିଅର ଅପରେସନ କରାଇ ପାରୁ ନଥିଲେ। ଶେଷରେ ସଙ୍ଗଠନ କର୍ମକର୍ତ୍ତାମାନେ ମିଳିତ ହୋଇ ତାଙ୍କୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ସଙ୍ଗଠନର ସଭାପତି ପରମାନନ୍ଦ ସେଠୀ,ପ୍ରଶାନ୍ତ ଦାସ, ଯୁଗଳ ଦାସ, ଅରକ୍ଷିତ ସେଠୀ, ହରେକୃଷ୍ଣ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟାଙ୍କରେ ଗ୍ରାହକଙ୍କ ପାଇଁ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ଆଠଗଡ,୧୫।୧୧(ସ୍ୱ.ପ୍ର.):** ଆଠଗଡ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରେ ଗ୍ରାହକଙ୍କ ପାଇଁ ଏକ ସ୍ୱାସ୍ଥ୍ୟଚିକିତ୍ସା ଶିବିର ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ ସହଯୋଗରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଶାଖାମୁଖ୍ୟ ପ୍ରବନ୍ଧକ ହରପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ କଟକ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଦିବ୍ୟେନ୍ଦୁ ଦାସ ଉଦ୍‌ଘାଟନ କରିଥିଲେ। ସକାଳ ୧୦ଟାରୁ ୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିରରେ ଆମ୍ରି ହସ୍ପିଟାଲର ଭେଷଜ ବିଶେଷଜ୍ଞ ଡାକ୍ତର ସବିତ ଦାସ ୧୨୫ ଜଣ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ । ଆମ୍ରି ହସ୍ପିଟାଲର ସ୍ୱାସ୍ଥ୍ୟସେବା ବିକାଶ ଅଧିକାରୀ ରଞ୍ଜିତା ପଣ୍ଡା ଓ ସେବିକାମାନେ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଷ୍ଟେଟବ୍ୟାଙ୍କର ଆଠଗଡ ବଜାର ଶାଖା ପ୍ରବନ୍ଧକ ରାଜେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଶାଖାର ପରିଚାଳକ ଗିରିଜା ଶଙ୍କର ସାହୁ, ସୁଶାନ୍ତ କୁମାର ସାହୁ, ସୁରେଶ କୁମାର ଜେନା, ଦୀପ୍ତିମୟୀ ବେହେରା, ଈପ୍ସିତା ମହାନ୍ତି ଓ ସୌମ୍ୟା ସାହୁ ପ୍ରମୁଖ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

### ଅଗ୍ନିବିପନ୍ନଙ୍କୁ ସହାୟତା

**ବାଙ୍କୀ,୧୫।୧୧(ସ୍ୱ.ପ୍ର):** ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢୀ ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ପଞ୍ଚାୟତର ବିଲି ତେନ୍ତୁଳିଆ ତୋଟାସାହିକୁ ଯାଇ ଶୁକ୍ରବାର ଅଗ୍ନିବିପନ୍ନ ପରିବାରଗୁଡିକୁ ଭେଟିଥିଲେ। ବିପନ୍ନ ପରିବାରଗୁଡିକୁ ପ୍ରମାଣପତ୍ର ଯୋଗାଇବା ସହାୟତା ଓ ସରକାରଙ୍କ ପକ୍ଷରୁ ସହାୟତା ରାଶି ଯୋଗାଇ ଦେବା ପାଇଁ ଉଦ୍ୟମ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଭାଜପା କର୍ମକର୍ତ୍ତାଙ୍କ ପକ୍ଷରୁ ବିପନ୍ନ ପରିବାରଗୁଡିକୁ ଶୁଖିଲା ଖାଦ୍ୟ , ଶାଢ଼ୀ, ଲୁଗା ,ଧୋତି ଓ ଗାମୁଛା ଆଦି ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ,ଗୁରୁବାର ବିଳମ୍ବିତ ରାତିରେ ଏଠାରେ ଅଗ୍ନିକାଣ୍ଡ ଘଟି ୮ ପରିବାରର ୧୨ ବଖର ଜଳିଯାଇଥିଲା।

## ■ ଗୋରଖନାଥ ପୀଠରେ ବ୍ୟତିକ୍ରମ

# ଗଣତି ହୋଇପାରିଲାନି ଦାନବାକ୍ସ ଟଙ୍କା

- ■କର୍ମଚାରୀଙ୍କ ସମୟ ବରବାଦ
- ■ନୋଟିସ ନ ପାଇବାରୁ ଉପସ୍ଥିତ ହେଲେ ନାହିଁ ଟ୍ରଷ୍ଟ ବୋର୍ଡ ସଭ୍ୟ
- ■ଦାୟିତ୍ୱରେ ଥିବା ଅଧିକାରୀ ଓ କିରାଣିଙ୍କ ଭୂମିକାକୁ ନେଇ ପ୍ରଶ୍ନ

**ରଘୁନାଥପୁର, ୧୫।୧୧ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ଗୋରଖନାଥ ପୀଠ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଦୂରଦୂରାନ୍ତରୁ ପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବା ଶ୍ରଦ୍ଧାଳୁମାନେ ଦାନ କରିଥାନ୍ତି। ଗତ ୨୦୦୭ରୁ ଦେବୋତ୍ତର ବିଭାଗ ଟ୍ରଷ୍ଟ ବୋର୍ଡ ଜରିଆରେ ପୀଠକୁ ହାତକୁ ନେବା ପରେ ପ୍ରଥମଥର ପାଇଁ ଦେଖାଦେଇଛି ବ୍ୟତିକ୍ରମ। ଶୁକ୍ରବାର ଗଣତି ପାଇଁ ପ୍ରଭୁଙ୍କ ନିକଟରେ ଥିବା ଦାନବାକ୍ସ ଖୋଲା ଯାଇ ସେଥିରେ ଥିବା କଏନ୍ ଓ ନୋଟଗୁଡିକୁ ବସ୍ତାରେ ପୂରାଯାଇ ପ୍ରସାଦ ମଣ୍ଡପକୁ ନିଆଯାଇଥିଲା। ତେବେ ପୁନର୍ବାର ଉକ୍ତ କଏନ୍ ଓ ନୋଟଗୁଡିକୁ ଦାନବାକ୍ସରେ ପୂରାଯିବା ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଓ କିରାଣିଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ସମୟ ଅନୁଯାୟୀ ମ୍ୟାନେଜିଂ ଟ୍ରଷ୍ଟିଙ୍କ ନିର୍ଦ୍ଦେଶରେ ପୂର୍ବାହ୍ନରେ ବରିଷ୍ଠ ରାଜସ୍ୱ ସହାୟକ ମନୋଜ କୁମାର ହୋତା ଓ ସହକାରୀ ଅଧିକାରୀ ଗଗନ ବିହାରୀ ପ୍ରଧାନଙ୍କ ସହ ୮ ଜଣ କର୍ମଚାରୀ ଦାନବାକ୍ସରେ ଥିବା ଟଙ୍କା ଗଣିବାକୁ ଗୋରଖନାଥ ପୀଠରେ ଉପସ୍ଥିତ ହୋଇଥିଲେ। ତିର୍ତ୍ତୋଲ ଥାନା ଆଇଆଇସିଙ୍କ ପକ୍ଷରୁ ବିନୋଦ ଚନ୍ଦ୍ର ପରିଡା ଓ ପୋଲିସ କର୍ମଚାରୀମାନେ ମଧ ପହଞ୍ଚିଥିଲେ। ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କିଶୋର ଭଳ ଓ କିରାଣି ସରୋଜ କୁମାର ସାହାଣୀଙ୍କ ତତ୍ତ୍ୱାବଧାନରେ ଦାନବାକ୍ସ ଖୋଲା ଯାଇଥିଲା। ସେଥିରେ ଥିବା କଏନ୍ ଓ ନୋଟଗୁଡିକୁ ଗଣତି ପାଇଁ ନିଆଯାଇଥିଲା। ତେବେ ଗଣତି ସ୍ଥାନରେ ସରକାରୀ କର୍ମଚାରୀଙ୍କୁ ଛାଡି ଦେଲେ ଟ୍ରଷ୍ଟ ବୋର୍ଡର ଅନ୍ୟ ସଭ୍ୟମାନଙ୍କୁ ଦେଖିବାକୁ ମିଳି ନ ଥିଲା।

ଅଧିକାରୀ ଭଳ ସମସ୍ତ ସଭ୍ୟମାନଙ୍କୁ ଅବଗତ କରାଯାଇଥିବାର ପ୍ରକାଶ କରିଥିବା ବେଳେ ସଭ୍ୟ ଜୀବନ ବଲ୍ଲଭ ମହାନ୍ତି, ସୁରେନ୍ଦ୍ର ନାଥ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି ଓ ବାଦଲ ଯୋଗାଣିଆ ପ୍ରମୁଖ ସେମାନଙ୍କୁ ନୋଟିସ ହୋଇ ନ ଥିବାର ପ୍ରକାଶ କରିଥିଲେ। ଫଳରେ ବାଧ ହୋଇ ଗଣତି ବନ୍ଦ ରହିଥିଲା। ପୁନର୍ବାର ଉକ୍ତ କଏନ ଓ ନୋଟଗୁଡିକୁ ଦାନବାକ୍ସରେ ପୂରାଯାଇଥିଲା। ଦୀର୍ଘ ସମୟ ଧରି ଏହି ନାଟକ ଚାଲିବା ପର୍ଯ୍ୟନ୍ତ ଗଣତି ପାଇଁ ଆସିଥିବା କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କ ସମୟ ବରବାଦ ହୋଇଥିଲା। ପରବର୍ତ୍ତୀ ସମୟରେ ସଭ୍ୟମାନଙ୍କୁ ଉକ୍ତ ଡେଟ୍‌ରେ ଗଣତି କରାଯିବା ସମ୍ପର୍କରେ ନୋଟିସ କରାଯାଇ ନ ଥିବାର ଅଧିକାରୀ ଭଳ ସ୍ୱୀକାର କରିଥିଲେ। ଏ ସମ୍ପର୍କରେ କିରାଣି ସାହାଣୀଙ୍କୁ ପଚାରିବାରେ ଦାନବାକ୍ସ ଖୋଲାଯିବା ନେଇ ସଭ୍ୟମାନଙ୍କୁ ଫୋନ୍ କରି ଜଣାଇଥିବା ପ୍ରକାଶ କରିଛନ୍ତି, ଯାହାକି ଅଧିକାରୀଙ୍କ ଅପାରଗଦର୍ଶିତା ତଥା କିରାଣିଙ୍କ ଖାମଖିଆଲ ମନୋଭାବ ଯୋଗୁ ଗଣତି ପ୍ରକ୍ରିୟା ବନ୍ଦ ହେଲା ବୋଲି ଅଭିଯୋଗ ରହୁଥିବା ବେଳେ ପ୍ରଥମଥର ପାଇଁ ସେମାନଙ୍କୁ ବାରଣ କରାଯିବା ପଛରେ କିଛି ଭିନ୍ନ ଉଦ୍ଦେଶ୍ୟ ରହିଥିବା ସଭ୍ୟମାନେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ଜାଣି ନ ଥିବା ଏବଂ ଗଣମାଧ୍ୟମ ସମ୍ମୁଖରେ ତଥ୍ୟ ନ ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ଥିବା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଦେବୋତ୍ତର କମିଶନର ଯଥାଶୀଘ୍ର ଦୃଷ୍ଟି ଦେବାକୁ ଭକ୍ତ ତଥା ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ଦାନବାକ୍ସରୁ ବାହାର କରାଯାଇଥିବା ଟଙ୍କାକୁ ପୁଣି ବାକ୍ସରେ ଭର୍ତ୍ତି କରାଯାଉଛି।

### ଛାଡ଼ଖାଇ ଉତ୍ସବର ୩ୟ ସନ୍ଧ୍ୟା
## ନୂତନ ପ୍ରତିଭାଙ୍କୁ ମଞ୍ଚ ସୁଯୋଗ ଦେବା ଆବଶ୍ୟକ

**ନରସିଂହପୁର,୧୫।୧୧ (ଡି.ଏନ୍.ଏ.)**

ନରସିଂହପୁର ଛାଡ଼ଖାଇ ଉତ୍ସବର ୩ୟ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ନରସିଂହପୁର ଅଞ୍ଚଳର ଲୋକକଳା ଓ ନୂତନ ପ୍ରତିଭାମାନଙ୍କୁ ଏହି ମଞ୍ଚ ସୁବିଧା ଦେବା ଆବଶ୍ୟକ । ସମ୍ମାନିତ ଅତିଥିଭାବେ ନରସିଂହପୁର ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ବ୍ଲକ ଉପାଧକ୍ଷ ସୁନୀତା ସ୍ୱାଇଁ ଉପସ୍ଥିତ ଥିଲେ। ଶେଷରେ ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ଆସିଥିବା ମିରାକଲ୍ ଡ୍ୟାନ୍ସ ଗ୍ରୁପର କଳାକାରମାନେ ଦର୍ଶକଙ୍କୁ ମତୁଆଲା କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିଥିବା ବେଳେ ଉତ୍ସବ କମିଟି ପକ୍ଷରୁ ମଧୁବାସନ୍ତୀ ଗଣନାଟ୍ୟ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା।

### ସ୍କୁଲ୍ ପାଚେରି ତାରବାଡ଼ କଟାକୁ ନେଇ ଅସନ୍ତୋଷ
## ପ୍ରତିବାଦରେ ଗେଟ୍‌ରେ ତାଲା ପକାଇଲେ ଅଭିଭାବକ

**ସାଲେପୁର, ୧୫।୧୧(ଡି.ଏନ୍.ଏ)**

ସାଲେପୁର ଶିକ୍ଷାମଣ୍ଡଳ ଅଧୀନ ବହୁଗ୍ରାମ ପଞ୍ଚାୟତସ୍ଥିତ ସିଂହମାପୁର ପ୍ରାଥମିକ ବିଦ୍ୟାଳୟର ଚତୁଃପାର୍ଶ୍ୱରେ ଘେରାଯାଇଥିବା ତାରବାଡ଼କୁ କୌଣସି ଦୁର୍ବୃତ୍ତ କାଟି ଦେଇଛନ୍ତି। ଏନେଇ ଛାତ୍ରୀଛାତ୍ରଙ୍କ ଅଭିଭାବକ, ବିଦ୍ୟାଳୟର ସଭ୍ୟାସଭ୍ୟ ଅସନ୍ତୋଷବ୍ୟକ୍ତ କରିବା ସହ ଶୁକ୍ରବାର ସ୍କୁଲ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟୁଭୂଷଣ ପଣ୍ଡା ସିଆରସିସିଙ୍କୁ ଖବର ଦେଇଥିଲେ। ଖବରପାଇ ଜମାଲ୍‌ପୁର ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ନିବାରଣ ସ୍ୱାଇଁ ବିଦ୍ୟାଳୟରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏ ବିଷୟରେ ଶିକ୍ଷାମଣ୍ଡଳ ଅଧିକାରୀଙ୍କୁ ଅବଗତ କରାଯିବ। ଏଥିସହ ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସ୍ୱାଇଁ କହିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

## ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଲଳିତଗିରି,୧୫।୧୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଅଳିଯୋଡାସ୍ଥିତ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଯୁକ୍ତ ୩ର ନୂତନ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟସଞ୍ଜୟ କୁମାର ଲେଙ୍କା ଏଥିରେ ସଭାପତିତ୍ୱରେ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପଲ୍ଲବ ଚକ୍ରବର୍ତ୍ତୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କର୍ମଠ ଓ ଚରିତ୍ରବାନ ହେବାପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଓଡିଆ ବିଭାଗୀୟ ମୁଖ୍ୟ ଡ. ନିଖିଳେଶପଦ ମହାନ୍ତି, ଅଧାପକ ଡ.ଜ୍ଞାନରଞ୍ଜନ ଶତପଥୀ, ପ୍ରାଧାପକ ଶଶିଭୂଷଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅଧାପକ କୁମୁଦ ରଞ୍ଜନ ସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବାଣିଜ୍ୟ ବିଭାଗର ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ର ପ୍ରଥମ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଅବିନାଶ ବେହୁରା,ଭଞ୍ଜକିଶୋର ପାତ୍ର, ଜୟପ୍ରକାଶ ଦାସ, ତୃପ୍ତୀରଞ୍ଜନ ପରିଡା, ଚିନ୍ମୟୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧାପିକା ଚିନ୍ମୟୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନରସିଂହପୁର ଟାଉନକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବି



ସିନିୟର୍ ସିଟିଜେନ୍ ଫୋରମ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ନରସିଂହପୁର,୧୫।୧୧ (ଡି.ଏନ୍.ଏ.)**

ନରସିଂହପୁର ଟାଉନଙ୍କୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା କରିବାକୁ ଦାବିକରାଯାଇଛି। ଏନେଇ ସିନିୟର୍ ସିଟିଜେନ୍ ଫୋରମ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପାଇକପଡାପାଟଣା ଓ ନିଜିଗଡ ନେଇ ନରସିଂହପୁର ଟାଉନ ଗଠନ କରାଯାଇଛି। ଏଠାରେ ବିଜ୍ଞାପିତ ପରିଷଦ ଗଠନ ଲାଗି ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି । ଥାନା, ଡାକ୍ତରଖାନା, କୋର୍ଟ, ବ୍ଲକ ଅଫିସ୍ ସମେତ ଅନେକ ବ୍ୟାଙ୍କର ଶାଖା ଆଦି ଖୋଲଯାଇଛି। ଏଥିସହ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ, ସରକାରୀ କଲେଜ ଓ ବହୁ ଘରୋଇ ବିଦ୍ୟାଳୟ ରହିଛି। ଏନେଇ ଏହାକୁ ତୁରନ୍ତ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା କରିବାକୁ ଦାବି କରାଯାଇଛି। ଏହାଛଡା ନରସିଂହପୁର ସରକାରୀ କଲେଜରେ ଅଧକ୍ଷ ପଦ ଦୀର୍ଘ ଦିନ ଧରି ଖାଲି ପଡିଥିବାରୁ ଏହାକୁ ପୂରଣ ଲାଗି ଫୋରମ ପକ୍ଷରୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଫୋରମର ସଭାପତି ତ୍ରିଲୋଚନ ମହାପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଭାକର ମିଶ୍ର, ସାଧାରଣ ସମ୍ପାଦକ ଦେବରାଜ ସ୍ୱାଇଁ , ଦୁର୍ଗାମାଧବ ମିଶ୍ର, ଜନାର୍ଦ୍ଦନ ସେନାପତି ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଫୋରମର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟକୁ ଆସି ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ନାରୀ ଜାଗିଲେ ଦେଶ ବଢ଼ିବ



ନରସିଂହପୁର ସମନ୍ୱୟ ମେଳାରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟମାନେ।

**ନରସିଂହପୁର/ସାଲେପୁର, ୧୫।୧୧(ଡି.ଏନ୍.ଏ.)**

**ମେଗା ସମନ୍ୱୟ ମେଳା**

ନରସିଂହପୁର ବ୍ଲକ ପରିସରରେ ୧୮୭ ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ମେଘା ସମନ୍ୱୟ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଉତ୍ସବରେ ବିଡିଓ ପ୍ରଶାନ୍ତ କୁମାର ତରାଇ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥିଭାବେ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହାତାବ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ବ୍ଲକ ଉପାଧକ୍ଷା ସୁନୀତା ସ୍ୱାଇଁ, ଜିଲାପରିଷଦ ସଭ୍ୟ ନିର୍ମଳ ଜେନା, ସରପଞ୍ଚ ବୀଣାପାଣି ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ନାରୀଶକ୍ତି ଜାଗିଲେ ଦେଶ ବଢ଼ିବ, ଫଳରେ ପ୍ରଗତିର ଧାରା ଜାରି ରହିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜୀବିକା ମିଶନର ସଂଯୋଜକ ମହେନ୍ଦ୍ର କୁଣ୍ଡୁ, ପଙ୍କଜିନୀ ମହାପାତ୍ର, ମୋନାଲିସା ପଟ୍ଟନାୟକ ଓ ସ୍ୱୟଂ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ। ଏହି ସମବାୟ ମେଳାରେ ୩କୋଟି ୬୩ଲକ୍ଷ ୬୮ହଜାର ଟଙ୍କାର ଆର୍ଥିକ ସହୟତା ରାଶି ବଣ୍ଟନ କରାଯାଇଥିଲା । ସେହିପରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ସାଲେପୁର ଶାଖା ପକ୍ଷରୁ ଶାନ୍ତି ପ୍ୟାଲେସ୍‌ରେ ଏକ ମେଗା ଏସ୍.ଏଚ୍.ଜି ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍‌ର ଚିଫ୍ ମ୍ୟାନେଜର ଗୋକୁଳ କୃଷ୍ଣ ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ସଭାରେ ଅତିଥିଭାବେ ଜି.ଏମ୍ ନେଟୱର୍କ -୧ର ସିଏଲ୍‌ଏନ୍. ଚାରୁଏଲ୍ଲୁ, ଡିଜିଏମ୍. ଆନନ୍ଦ ବିକ୍ରମ ଓ ଆର୍‌ଏମ୍ ପ୍ରଦୀପ୍ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ।

## ନେହେରୁ ଯୁବକେନ୍ଦ୍ର ସଂଗଠନର ପ୍ରତିଷ୍ଠା ଦିବସ

**ଆଠଗଡ,୧୫।୧୧(ସ୍ୱ.ପ୍ର.)**

ଆଠଗଡ ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫ୍ରେଣ୍ଡସ୍ କ୍ଲବ୍ ଓ ଆଇସିଏସ ଏକାଡେମୀ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କର ନେହେରୁ ଯୁବକେନ୍ଦ୍ର ସଂଗଠନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କ୍ଲବ ସଭାପତି ଇଂ ପ୍ରିୟବ୍ରତ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଆୟୋଜିତ ସଭାରେ ଆଠଗଡର ପ୍ରାଣକୃଷ୍ଣ ଦାଶ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ତ୍ୟାଗପୂତ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ସର୍ବେଶ୍ୱର ପଣ୍ଡା ଏବଂ ଶ୍ରୀକାନ୍ତ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଭାସ୍କର ଚନ୍ଦ୍ର ବେହେରା, ସଭ୍ୟ ତପନ କୁମାର ସାହୁ, ସତ୍ୟାନନ୍ଦ ସାହୁ, ସୂର୍ଯ୍ୟକାନ୍ତ ସେଠୀ, ଲୁଲୁ ଦଳାଇ, ପ୍ରଦୀପ କୁମାର ସାହୁ ପ୍ରମୁଖ ପରଚାଳନା କରିଥିଲେ ।

## ବର୍ଦ୍ଧିତ ମାଟ୍ରିକ ପରୀକ୍ଷା ଫି' ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**କଟକ ଅଫିସ, ୧୫।୧୧**

ବର୍ଦ୍ଧିତ ମାଟ୍ରିକ ପରୀକ୍ଷା ଫି' ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାମୁଦ୍ରିକ ଝଡ଼ ପ୍ରଭାବରେ ଅନେକ ଗରିବ ଲୋକଙ୍କ ଜୀବିକା ନଷ୍ଟ ହୋଇଛି। ଏଭଳି ପରିସ୍ଥିତିରେ ପରୀକ୍ଷା ଫି' ସମ୍ପୂର୍ଣ୍ଣ ଛାଡ କରିବା ପରିବର୍ତ୍ତେ ବୋର୍ଡ କର୍ତ୍ତୃପକ୍ଷ ମାଟ୍ରିକ ପରୀକ୍ଷା ଫି' ୧୦୦ ଟଙ୍କା ବୃଦ୍ଧି କରିଛନ୍ତି। ଯାହାକି ଛାତ୍ରୀଛାତ୍ରଙ୍କୁ ଆର୍ଥିକଭାବେ ଶୋଷଣ କରିବା ସହ ମାନସିକ ଭାବେ ଭାରାକ୍ରାନ୍ତ କରିବ। ଏ ଦିଗରେ ବୋର୍ଡ କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ବୋଲି ଏଆଇଡିଏସ୍‌ଓ ପକ୍ଷରୁ କୁହାଯାଇଛି। ଏଆଇଡିଏସ୍‌ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ରାଜ୍ୟ ଉପସଭାପତି ସିଦ୍ଧାର୍ଥ ରଥ, ବବି ବଳବନ୍ତରାୟ, ସ୍ୱସ୍ତି ସଙ୍ଗୀତା ଦଳାଇ, ଭାଗ୍ୟରବି ଦାସ, ତରୁଣସେନ ନାୟକ, ବିନୋଦ ସେଠୀ ଓ ଇଶା ଧର ପ୍ରମୁଖ ଉପସ୍ଥିତ ଥିଲେ।




ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

### ନିଶ୍ଚିନ୍ତକୋଇଲି ତହସିଲରେ କର୍ମଚାରୀ ସଙ୍କଟ
# ପଦବୀ ପୂରଣ ପାଇଁ ଏସୟୁସିଆଇ ପକ୍ଷରୁ ଦାବି

**ନିଶ୍ଚିନ୍ତକୋଇଲି, ୧୫ ।୧୧(ସ୍ୱପ୍ର)**

ରାଜ୍ୟ ସରକାର ସାଧାରଣ ଲୋକଙ୍କ ପାଖରେ ସ୍ୱଚ୍ଛତାର ସହ ସେବା ଯୋଗାଇବା ପାଇଁ ୫ଟିର ବ୍ୟବସ୍ଥା କରିଛନ୍ତି। କିନ୍ତୁ ନିଶ୍ଚିନ୍ତକୋଇଲି ବ୍ଲକରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ଫଳପ୍ରଦ ହେବା ନେଇ ସନ୍ଦେହ ଉପୁଜିଛି ବୋଲି କମ୍ୟୁନିଷ୍ଟ ଦଳର ଏସୟୁସିଆଇ(ସି) ସାଧାରଣ ସମ୍ପାଦକ ପରମାନନ୍ଦ ସେଠୀ କହିଛନ୍ତି। ଶୁକ୍ରବାର ଏସୟୁସିଆଇ(ସି) ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ତହସିଲ କାର୍ଯ୍ୟାଳୟରେ ଗୋଟିଏ ଅତିରିକ୍ତ ତହସିଲଦାର ପଦବୀ, ୯ ଅତିରିକ୍ତ ଆରଆଇ ପଦବୀ, ୪ ବରିଷ୍ଠ କିରାଣି ପଦବୀ, ୩ ପିଅନ ପଦବୀ ସମେତ ଗୋଟିଏ ଲେଖାଏ ଆରଆଇ, ପ୍ରୋସେସର, ଚୌକିଦାର ଓ ହେଡ କ୍ଲର୍କ ପଦବୀ ଖାଲି ରହିଛି। ମୋଟାମୋଟି ଭାବେ ତହସିଲ ଅଧୀନରେ ଥିବା ୫୪ ପଦବୀ ମଧ୍ୟରୁ ୨୦ରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡିଛି। ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କର୍ମଚାରୀ ଅଭାବ ହେତୁ ଫନୀ ସହାୟତା ବଣ୍ଟନ, ପୁନଃ ତଦନ୍ତ, ପିଲାମାନଙ୍କ ବିଭିନ୍ନ ପ୍ରମାଣପତ ସମେତ ଫୌଜଦାରି ମାମଲାଗୁଡିକର ବିଚାର କାର୍ଯ୍ୟ ଓ ଜରୁରିକାଳୀନ ସେବା ପ୍ରଭାବିତ ହେଉଛି। ଏପରିକି ଶୁକରପଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବିନା ଆରଆଇରେ ଚାଲିଛି। ଏହାର ପ୍ରତିବାଦରେ ଏସୟୁସିଆଇ(ସି)ସଙ୍ଗଠନ ନିଶ୍ଚିନ୍ତକୋଇଲି ପକ୍ଷରୁ ବ୍ଲକ ସମ୍ପାଦକ ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୋଭାଯାତ୍ରାରେ ଆସି ତହସିଲଦାର ଜିତେନ୍ଦ୍ର ପାତ୍ରଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତହସିଲରୁ କର୍ମଚାରୀ ସଙ୍କଟ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପାତ୍ରଙ୍କୁ ପ୍ରଦାନ କରିଥିଲେ। ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ପ୍ରଶାନ୍ତ କୁମାର ଦାସ, ହରେକୃଷ୍ଣ ବାରିକ, ବିଜୟ ପତି, ନଳିନୀ ତ୍ରିପାଠୀ, କେଶବ ଚନ୍ଦ୍ର ମଲିକ, ରଘୁନାଥ ମଲିକ ଓ ରେବତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।

-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଡିସେମ୍ବର ୧୪ରେ ଜାତୀୟ ଲୋକ ଅଦାଲତ

**କଟକ ଅଫିସ, ୧୫।୧୧:** ହାଇକୋର୍ଟ ଆଇନସେବା କମିଟି ପକ୍ଷରୁ ଆସନ୍ତା ଡିସେମ୍ବର ୧୪ରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ବିଭିନ୍ନ କମ୍ପାଉଣ୍ଡେବୁଲ୍ ମାମଲା, ଫୌଜଦାରୀ ଆବେଦନ, ବ୍ୟାଙ୍କ ମାମଲା, ବିଦ୍ୟୁତ୍ ଓ ପାଣି ବିଲ୍, ବୈବାହିକ ମାମଲା, ଜମି ଅଧିଗ୍ରହଣ ମାମଲା, ରାଜସ୍ୱ ମାମଲା, ମୋଟର ଦୁର୍ଘଟଣା ଜନିତ ମାମଲା, ସର୍ଭିସ୍ ମାମଲା ଓ ଅନ୍ୟାନ୍ୟ ଦେୱାନୀ ମାମଲାର ଶୁଣାଣି ହେବ ବୋଲି ହାଇକୋର୍ଟ ଆଇନସେବା କମିଟି ପକ୍ଷରୁ କୁହାଯାଇଛି।

### ଅଙ୍ଗଦାନ ପାଇଁ ଶପଥ ପତ୍ରରେ ସ୍ୱାକ୍ଷର

**କଟକ ଅଫିସ,୧୫।୧୧:** ସାମାଜିକ କର୍ମୀ ସାନୁ କୁମାର ଶାସମଲ ମୃତ୍ୟୁ ପରେ ଅଙ୍ଗଦାନ ପାଇଁ ଶୁକ୍ରବାର ଶପଥପତ୍ରରେ ସ୍ୱାକ୍ଷର କରିଛନ୍ତି। ଭାରତରେ ବହୁ ରୋଗୀ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଆଶାରେ ଅପେକ୍ଷା କରୁଥିବା ବେଳେ ଧର୍ମ ଓ ପରମ୍ପରା ନାଁରେ ମୃତ୍ୟୁ ପରେ ଶରୀରକୁ ପୋଡ଼ିଦେବା ଦ୍ୱାରା ବହୁ ମୂଲ୍ୟବାନ ଅଙ୍ଗପ୍ରତ୍ୟଙ୍ଗ ମାଟିରେ ମିଶିଯାଉଛି। ଏଭଳି ସମୟରେ ଅଙ୍ଗଦାନ ପାଇଁ ଜୀବିତାବସ୍ଥାରେ ସମସ୍ତେ ସତ୍ୟପାଠ କରିବାର ଆବଶ୍ୟକତା ରହିଛି ବୋଲି ଶାସମଲ କହିଛନ୍ତି। ଭାରତ ଶରୀର ଅଙ୍ଗଦାନ ସମିତିର ଅଧକ୍ଷ ଡ. ପ୍ରଭାସ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଚାଲିଥିବା ଅଙ୍ଗଦାନ ଅଭିଯାନରେ ସାନୁ କୁମାର ସାମିଲ ହୋଇ ଆଗାମୀ ଦିନରେ ଏହି ଅଭିଯାନ ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ରବିଋତୁରେ ଧାଡ଼ିରୁଆ ଉପରେ ଗୁରୁତ୍ୱ

**କଣ୍ଟାପଡ଼ା,୧୫।୧୧(ଡି.ଏନ୍.ଏ):** ଆସନ୍ତା ରବି ଋତୁରେ ହେବାକୁ ଥିବା ଫସଲ ପାଇଁ ଧାଡିରୁଆ ଉପରେ ଗୁରୁତ୍ୱ ଦେବାକୁ ଗୁରୁବାର ଅନୁଷ୍ଠିତ କଣ୍ଟାପଡା ବ୍ଲକ କୃଷକସାଥି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆତ୍ମା ସଭାପତି ନକୁଳ ରାଉତଙ୍କ ଅଧକ୍ଷତାରେ ବ୍ଲକ କୃଷି ସୂଚନା କେନ୍ଦ୍ରଠାରେ ଆୟୋଜିତ ଏହି ବୈଠକରେ କଣ୍ଟାପଡା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ସହକାରୀ କୃଷି ଅଧିକାରୀ ପ୍ରପେୟା ପ୍ରିୟଦର୍ଶିନୀ ଯୋଗଦେଇ ରବିଋତୁରେ ମୁଗ, ବିରି, ସୂର୍ଯ୍ୟମୁଖୀ ଆଦି ଚାଷରେ ଧାଡିରୁଆ ପାଇଁ ଚାଷୀମାନଙ୍କୁ ସଚେତନ କରିବାକୁ କୃଷକ ସାଥିମାନେ ସହଯୋଗ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ବୈଷୟିକ ପରିଚାଳକ ସତ୍ୟରଞ୍ଜନ କାଠୁଆ ଓ ସମସ୍ତ କୃଷକ ସାଥି ଯୋଗଦେଇଥିଲେ।

### ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କଟକ ଅଫିସ, ୧୫।୧୧:** ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ସରୋଜ କୁମାର ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବାଳିକାମାନେ ଆତ୍ମରକ୍ଷା ବିଷୟରେ ଶିକ୍ଷାଲାଭ କରିବା ଉଚିତ। ଏହା ଦ୍ୱାରା ସେମାନେ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି ଅଧକ୍ଷ ଦାସ କହିଥିଲେ। ଚନ୍ଦନା ମହାନ୍ତି ଶିବିର ପରିଚାଳନା କରିଥିଲେ। ପ୍ରଶିକ୍ଷକ ଭାବେ ଶୁଭ୍ରାଂଶୁ ସ୍ୱାଇଁ ଯୋଗ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ବହୁ ଛାତ୍ରୀ ଯୋଗ ଦେଇଥିଲେ।

■ ଫନୀ ସହାୟତା ଓ ଆବାସ ଜିଓ ଟ୍ୟାଗିଂ ତାଲିକାରେ ଅନିୟମିତତା

# ଜିଲାପାଳଙ୍କ ଅଫିସ ଆଗରେ ଭାଜପାର ଅନଶନ

**କଟକ ଅଫିସ,୧୫।୧୧**

ଫନୀ କ୍ଷତିଗ୍ରସ୍ତଙ୍କୁ ଗୃହ ନିର୍ମାଣ ସହାୟତା ଓ ପ୍ରଧାନମନ୍ତ୍ରୀ ଆବାସର ଜିଓ ଟ୍ୟାଗିଂ ତାଲିକାରେ ବ୍ୟାପକ ଅନିୟମିତତା ନେଇ ଶୁକ୍ରବାର କଟକ ଜିଲା ଭାଜପା ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଫନୀ କ୍ଷତିଗ୍ରସ୍ତ ସହାୟତା ପାଇବାକୁ ଥିବା ହିତାଧିକାରୀଙ୍କ ତାଲିକା ସାର୍ବଜନୀନ କରାଯାଉ, ପୁନର୍ବାର ସର୍ଭେ କରାଯାଇ ନୂତନ ତାଲିକା ପ୍ରସ୍ତୁତ କରିବା, ପୂର୍ବ ପ୍ରସ୍ତୁତ ତାଲିକାଭୁକ୍ତ ହିତାଧିକାରୀଙ୍କୁ ତଦନ୍ତ ଶେଷ ନ ହେବା ଯାଏ ସହାୟତା ପ୍ରଦାନ ନ କରିବା, ଅଯୋଗ୍ୟ ହିତାଧିକାରୀ ଏବଂ ଚୟନ କରିଥିବା ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପ୍ରଧାନମନ୍ତ୍ରୀ ଜିଓ ଟ୍ୟାଗିଂ ତାଲିକାକୁ ସାର୍ବଜନୀନ କରାଯିବା




ଜିଲାପାଳଙ୍କ ଅଫିସ ଆଗରେ ଭାଜପା ନେତା ଓ କର୍ମୀମାନେ ଅନଶନରେ ବସିଛନ୍ତି।

ସହ ପୁନର୍ବାର ସର୍ଭେ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ ଦିଆଯିବା ଆଦି ଦାବି ନେଇ ଭାଜପା ପକ୍ଷରୁ ଏହି ଆନ୍ଦୋଳନ କରାଯାଇଥିଲା। ଏହି ଅବସରରେ ଏକ ଦାବିପତ୍ର ଭାଜପା ପକ୍ଷରୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାର ସମସ୍ତ ତହସିଲ୍‌ଦାରଙ୍କୁ ଯୋଗ୍ୟ ଏବଂ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରତ୍ୟେକ ପଞ୍ଚାୟତ, ଆର୍‌ଆଇ ଏବଂ ତହସିଲ୍ କାର୍ଯ୍ୟାଳୟରେ ସାର୍ବଜନୀନ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଅନଶନରେ ଭାଜପାର ପୂର୍ବତନ ମନ୍ତ୍ରୀ ସମୀର ଦେ, ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ରାଜ୍ୟ ସମ୍ପାଦକ ଦିଲ୍ଲୀପ ମଲ୍ଲିକ, ମାହାଙ୍ଗା ନେତା ଶରଦା ପ୍ରଧାନ, ବଡମ୍ବା ନେତା ବିଜୟ ଦଳବେହେରା, ଆଠଗଡ ନେତା ବ୍ରଜେନ୍ଦ୍ର ରାଏ, ବାଙ୍କୀ ନେତା ଶୁଭ୍ରାଂଶୁ ମୋହନ ପାଢୀ, ସଦର ଜିଲା ସଭାପତି ଚୌଧୁରୀ ହେମନ୍ତ ସାହୁ, ସାଲେପୁର ବ୍ଲକ ଅଧକ୍ଷା ମମତା ରାଉତ, ନଗର ସଭାପତି ଲକ୍ଷ୍ମୀଧର ପ୍ରଧାନ, ନିଆଳି ନେତା ଛବି ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ଶିଶୁ ହସିଲେ ଦେଶ ହସିବ

**କଟକ ଅଫିସ,୧୫।୧୧**

କଟକ ଭଗତପୁରସ୍ଥିତ ଶ୍ରୀମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ଉତ୍କଳ ବିଦ୍ୟାଗୌରବ ପରିଷଦର ମିଳିତ ଆନୁକୂଲ୍ୟରେ କଟକ ଶିଶୁ ମହୋତ୍ସବ ସ୍ଥାନୀୟ କର୍ମବୀର ଗୌରୀ ଶଙ୍କର ରାୟ ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ସାହିତ୍ୟିକ ନଦୀୟା ବିହାରୀ ମହାନ୍ତି ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇ କହିଥିଲେ, ଶିଶୁ ହସିଲେ ଦେଶ ହସିବ। ତେଣୁ ଶିଶୁମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥିଭାବେ ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା ଏବଂ ମକାମ ମହାବିଦ୍ୟାଳୟର ଅଧ୍ୟାପକ କିଶୋର ଚନ୍ଦ୍ର ଦାସ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନମିତା ପଣ୍ଡା ଅଧକ୍ଷତା କରିଥିଲେ। ଏହି ଅବସରରେ କଟକର ବିଭିନ୍ନ ବିଦ୍ୟାଳୟର ୨୦ଜଣ ଛାତ୍ରୀଛାତ୍ରଙ୍କୁ ଶିଶୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ସୁଜାତା ପଣ୍ଡା ଧନ୍ୟବାଦ ଦେଇଥିଲେ।

■ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା

# ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

**କଟକ ଅଫିସ,୧୫।୧୧**

ବାଲେଶ୍ୱରରେ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାରେ ହାଇକୋର୍ଟ ଅଭିଯୁକ୍ତ ନେତ୍ରାନନ୍ଦ ସାହୁଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତଙ୍କ ତାଙ୍କ ମା' ଅସୁସ୍ଥତା ଦର୍ଶାଇ ଜାମିନ ଆବେଦନ କରିଥିଲେ। ହାଇକୋର୍ଟଙ୍କ ବିଚାରପତି ସଙ୍ଗମ ସାହୁ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨୦ହଜାର ଟଙ୍କା ଓ ଦୁଇ ଜଣ ଜାମିନଦାର ବଦଳରେ ଜାମିନ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତରେ ଏସବୁ ସର୍ତ୍ତ ପୂରଣ କରି ଅଭିଯୁକ୍ତ ଜାମିନରେ ଯାଇପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ନେତ୍ରାନନ୍ଦ ବାଲେଶ୍ୱରରେ ଜଣେ ନାବାଳିକାକୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଗିରଫ ହୋଇଥିଲେ। ତାଙ୍କ ବିରୋଧରେ ଆଇପିସିର ୩୪୧/୩୫୪-ବି/୩୨୩/୩୨୫/୩୦୭/୨୯୪/୫୦୬, ପୋକ୍‌ସୋ ଆଇନର ସେକ୍ସନ ୧୨ ଏବଂ ସିଆର୍‌ପିସିର ୪୩୯ ଧାରାରେ ବାଲେଶ୍ୱର ସ୍ୱତନ୍ତ୍ର କୋର୍ଟରେ ମାମଲା ବିଚାରଧୀନ ରହିଛି। ୨୦୧୭ ନଭେମ୍ବର ୩ରୁ ନେତ୍ରାନନ୍ଦ ଗିରଫ ହୋଇ ଜେଲ୍‌ରେ ରହିଥିବାବେଳେ ବାଲେଶ୍ୱର ସ୍ପେସାଲ୍ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଏହା ପରେ ସେ ହାଇକୋର୍ଟରେ ଜାମିନ ପାଇଁ ଆବଦେନ କରିଥିଲେ।




୧୦ ଦଫା ଦାବି ନେଇ କଟକ ମହାନଗର ପୂର୍ତ୍ତ ବିଭାଗ ଠିକାଦାର ସଂଘ ପକ୍ଷରୁ ଶୁକ୍ରବାର କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ନିର୍ବାହୀ ଯନ୍ତ୍ରୀ (ଆର ଆଣ୍ଡ ବି) ଅଫିସରେ ଅଧିକାରୀଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ପ୍ରତିନିଧିମାନେ।

### ଖୁଣ୍ଟୁଣୀରେ କାର୍ତ୍ତିକେଶ୍ୱର ପୂଜା

**ଖୁଣ୍ଟୁଣୀ,୧୫।୧୧(ଡି.ଏନ୍.ଏ.)**

କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ଖୁଣ୍ଟୁଣୀ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଖୁଣ୍ଟୁଣୀର ଦୁର୍ଗାବଜାର, ମହାଦେବ ସାହି, ଲକ୍ଷ୍ମୀ ବଜାର, ଗଣେଶ ବଜାର, ତ୍ରିନାଥ ସାହି, ଷ୍ଟେଶନ ରୋଡ ସହିତ ସାହିବସ୍ତିରେ ପ୍ରାୟ ୨୭ଟି ପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଛି। ଆସନ୍ତା ୨୨ତାରିଖରେ ସମସ୍ତ ମେଢ ଦଣ୍ଡା ଫୁକାର ଓ ବଡ଼ ବଜାର ନାଳରେ ବିସର୍ଜନ ହେବ ବୋଲି ବିଜାର କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ଡାକଲେଖା ଭବନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କଟକ ଅଫିସ,୧୫।୧୧**

ପୋଷ୍ଟ ଅଫିସ ଓ ଆର୍‌ଏମ୍‌ଏସ୍‌ର ହିସାବ ରକ୍ଷକମାନଙ୍କ ପାଇଁ ମହାନଦୀବିହାରସ୍ଥିତ ଡାକଲେଖା ଭବନରେ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାକଲେଖା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପିଏଫ୍‌ଏମ୍‌ଏସ୍, ସିଏସ୍‌ଆଇ ଓ ଏଚ୍‌ଆର୍‌ଏମ୍‌ଏସ୍ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଓଡ଼ିଶା ଡାକ ପରିମଣ୍ଡଳର ସମସ୍ତ ଡାକ ମଣ୍ଡଳ କାର୍ଯ୍ୟାଳୟ ଓ ପ୍ରଧାନ ଡାକଘରର ହିସାବ ରକ୍ଷକମାନେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକ ଭାବେ ସୀମାଞ୍ଚଳ ଦାଶ, ଲେଖା ଅଧିକାରୀ ସୁରେନ୍ଦ୍ର ନାଥ ଦାଶ, ଲେଖା ଅଧିକାରୀ ଫାଲଗୁନି ବିଭୂକଲ୍ୟାଣ ଦାସ, ଯୁଧିଷ୍ଠିର ସାହୁ ଓ ଚିତ୍ତରଞ୍ଜନ ସୁବୁଦ୍ଧି ଯୋଗଦେଇଥିଲେ। ଏଥିରେ ଡାକ ଲେଖା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ, ସମସ୍ତ ଲେଖା ଅଧିକାରୀ ଓ ସହାୟକ ଲେଖା ଅଧିକାରୀ ଉପସ୍ଥିତ ଥିଲେ।

### ମହା ଶିଶୁପର୍ବ ଉଦ୍‌ଯାପିତ

**କଟକ ସଦର,୧୫।୧୧(ଡି.ଏନ୍.ଏ)**

ରେକି ମିଶନ ଆନୁକୂଲ୍ୟରେ ଗୁରୁବାର କଟକ ସଦର ବ୍ଲକ ଅନ୍ତର୍ଗତ କୁଳସରିଚୁଆଁ ଠାରେ ମହା ଶିଶୁପର୍ବ ଉଦ୍‌ଯାପିତ ହୋଇଯାଇଛି। ଶିଶୁଦିବସ ଜଣେ ମହାନ୍ ନେତାଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଶିଶୁପର୍ବ କୁନି କୁନି ପିଲାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆୟୋଜନ କରାଯାଇଥାଏ ବୋଲି ରେକି ମିଶନର ପ୍ରତିଷ୍ଠାତା ଶ୍ରୀସନ୍ତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭୟ ନାୟକ ଓ ସଂଗ୍ରାମ କେଶରୀ ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'କଞ୍ଚାମାଟି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଭାରତ ଭୂଷଣ ରାୟଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ପ୍ରଶାସନିକ ସହାୟତାକୁ ଚାହିଁ ବସିଛନ୍ତି ସଖୀ



ସଖୀଙ୍କ ଘର ଉପରେ ଜରିପାଲ ଘୋଡାଯାଇଛି।

**ଟାଙ୍ଗୀ(କଟକ),୧୫।୧୧(ଡି.ଏନ୍.ଏ)**

ବାତ୍ୟା ଫନୀରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ତେଲିଆପଡ଼ା ଶବର ସାହିର ବାପାମା' ଛେଉଣ୍ଡ ସଖୀ(୨୫)ଙ୍କ ଘର ଭାଙ୍ଗି ଯାଇଛି। ଘର ଉପରେ ଜରିପାଲ ପକାଇ ଆଶ୍ରୟ ନେଇଥିବା ବେଳେ ପ୍ରଶାସନ ପକ୍ଷରୁ ଘରଭଙ୍ଗା ସହାୟତା ମିଳିପାରି ନାହିଁ। ଏହା ସହ ତାଙ୍କ ସାନ ଭଉଣୀ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ଅଦ୍ୟାବଧି ଭତ୍ତା ମିଳିପାରି ନାହିଁ। ଏ ନେଇ ସଖୀ ଗୁରୁବାର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ରଙ୍କୁ ଭେଟିବା ସହ ଅସହାୟତା ସମ୍ପର୍କରେ କହିଥିଲେ। ଶୁକ୍ରବାର ସଖୀ ପରିବାରକୁ ଭେଟି ତୁରନ୍ତ ସହାୟତା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବାକୁ ଉପଜିଲାପାଳ ମିଶ୍ର ଅତିରିକ୍ତ ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା କାହାରି ଦେଖା ମିଳି ନ ଥିବା ବେଳେ ସଖୀ ପ୍ରଶାସନର ବାଟକୁ ଚାହିଁ ବସିଛନ୍ତି।

# ବର୍ଦ୍ଧିତ ମାଟ୍ରିକ ପରୀକ୍ଷା ଫିଁ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**କଟକ ଅଫିସ, ୧୫।୧୧**

ବର୍ଦ୍ଧିତ ମାଟ୍ରିକ ପରୀକ୍ଷା ଫିଁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାମୁଦ୍ରିକ ଝଡ଼ ପ୍ରଭାବରେ ଅନେକ ଗରିବ ଲୋକଙ୍କ ଜୀବିକା ନଷ୍ଟ ହୋଇଛି। ଉପକୂଳ ଜିଲାଗୁଡିକର ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି। ଏଭଳି ପରିସ୍ଥିତିରେ ପରୀକ୍ଷା ଫିଁ ସମ୍ପୂର୍ଣ୍ଣ ଛାଡ କରିବା ପରିବର୍ତ୍ତେ ବୋର୍ଡ କର୍ତ୍ତୃପକ୍ଷ ମାଟ୍ରିକ ପରୀକ୍ଷା ଫିଁ ୧୦୦ ଟଙ୍କା ବୃଦ୍ଧି କରିଛନ୍ତି। ଯାହାକି ଛାତ୍ରୀଛାତ୍ରଙ୍କୁ ଆର୍ଥିକଭାବେ ଶୋଷଣ କରିବା ସହ ମାନସିକ ଭାବେ ଭାରାକ୍ରାନ୍ତ କରିବ। ଫିଁ ବୃଦ୍ଧି ଅତ୍ୟନ୍ତ ଅନ୍ୟାୟ




ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଓ ଅଗଣତାନ୍ତ୍ରିକ। ଏ ଦିଗରେ ବୋର୍ଡ କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ବୋଲି ଏଆଇଡିଏସ୍‌ଓ ପକ୍ଷରୁ କୁହାଯାଇଛି। ଏଆଇଡିଏସ୍‌ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ରାଜ୍ୟ ଉପସଭାପତି ସିଦ୍ଧାର୍ଥ ରଥ, ବବି ବଳବନ୍ତରାୟ, ରାଜ୍ୟ କମିଟି ସଦସ୍ୟ ସ୍ୱସ୍ତି ସଙ୍ଗୀତା ଦଳାଇ, କଟକ ଜିଲା କମିଟି ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, ଛାତ୍ରନେତା ଇଶା ଧର ପ୍ରମୁଖ ଉପସ୍ଥିତ ଥିଲେ।

### କାର୍ତ୍ତିକେଶ୍ୱର ପୂଜା

**କଟକ ସଦର,୧୫।୧୧(ଡି.ଏନ୍.ଏ.)**

କଟକ-ପାରାଦୀପ ରାସ୍ତା ପାର୍ଶ୍ୱ ନାହାଭଙ୍ଗା ଠାରେ ଅନୁଷ୍ଠିତ କାର୍ତ୍ତିକେଶ୍ୱର ପୂଜା ଅବସରରେ ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜା କମିଟିର ସଦସ୍ୟ ସମର ବେହେରା, ଶୁକଦେବ ବେହେରା, ମନୋରଞ୍ଜନ ବେହେରା, ଅନନ୍ତ ବେହେରା, ନିରଞ୍ଜନ ବାରିକ, ରବୀନ୍ଦ୍ର ସେଠୀ, ପାରାୟଣ ମହନ୍ତ, ହିମାଂଶୁ ଦାସ, ସୁଶାନ୍ତ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମା' ବିରୂପା ମହୋତ୍ସବ ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୧୫।୧୧(ଡି.ଏନ୍.ଏ.)**

ମା' ବିରୂପା ମହୋତ୍ସବ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ଚାଟେଶ୍ୱର ମନ୍ଦିରରେ ଆୟୋଜିତ ଏହି ବୈଠକରେ ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା, ଅଶୋକ ନାୟକ, ନାରାୟଣ ସ୍ୱାଇଁ, ରାମଚନ୍ଦ୍ର ମହାରଣା, ଜ୍ୟୋତି ରଞ୍ଜନ ପରିଜା, ଚନ୍ଦ୍ର ଶେଖର ଦଳେଇ, ଜୟନ୍ତ ଲେଙ୍କା, ଅନୀଲ ଲେଙ୍କା, ପ୍ରତାପ ଜେନା, ମୋହନ ସାହୁ, ଲଛମନ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମତବ୍ୟକ୍ତ କରିଥିଲେ। ଆସନ୍ତା ଡିସେମ୍ବର ୨୬ରେ ଏହି ମହୋତ୍ସବ ଆୟୋଜିତ ହେବା ସହ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ହସ୍ତକଳା ପ୍ରଦର୍ଶନୀର ଆୟୋଜନ କରାଯିବ ବୋଲି ଜଣାପଡିଛି।

# ଫୁଟବଲ୍ : ଫାଇନାଲରେ କଳିଙ୍ଗ ସ୍ପୋର୍ଟିଂ

**ଚୌଦ୍ୱାର,୧୫।୧୧(ଡି.ଏନ୍.ଏ)**

ଚୌଦ୍ୱାର ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ ଓଡ଼ିଶା ଏକାଦଶ କଟକକୁ ୪-୧ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। କଳିଙ୍ଗ ସ୍ପୋର୍ଟିଂର ଚନ୍ଦ୍ରଶେଖର ୨ଟି ଗୋଲ କରିଥିବାବେଳେ ସେଖ୍ ସରିଫ୍ ଗୋଟିଏ ଓ ସେଖ୍ ଆଲାମ ଗୋଟିଏ ଗୋଲ କରିଥିଲେ। ଓଡ଼ିଆ ଏକାଦଶ ପକ୍ଷରୁ ରହିମ୍ ବକ୍ସ ଗୋଟିଏ ଗୋଲ କରିଥିଲେ। ମ୍ୟାଚ୍‌କୁ ସଞ୍ଜୀବ ଦାସ, ଆର୍ଶୀବାଦ କାନୁନ୍‌ଗୋ, ଶିକୁନ୍ ମହନ୍ତ, ନାରାୟଣ ସାହୁ ପରିଚାଳନା କରିଥିଲେ। ଅତିଥିଭାବେ ଯୁବ ସାମାଜିକ କର୍ମୀ ବିଷ୍ଣୁ ଚରଣ ପରିଡା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଓ ସ୍ପୋର୍ଟ୍ସ ହଷ୍ଟେଲ କଟକ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଅକ୍ଷୟ ବରାଳ, ପ୍ରଦୀପ୍ତ ବେହେରା, ଦେବନ୍ତ ସାହୁ, ଶିବ ପ୍ରସାଦ ପରିଡା, ରମେଶ ବରାଳ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ।



ଖେଳାଳିଙ୍କ ଗହଣରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

■ ଆଇଏମ୍‌ଏମ୍‌ଟି ପରିସରରୁ ଜମି ଅଧିଗ୍ରହଣକୁ ବିରୋଧ

# ବିଡିଏ ସ୍କ୍ୱାଡ୍-ବୈଜ୍ଞାନିକ ମୁହାଁମୁହିଁ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଆଚାର୍ଯ୍ୟବିହାରସ୍ଥ ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି) ପରିସରରୁ ଜମି ଅଧିଗ୍ରହଣ କରିବାକୁ ଆସି ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ବିରୋଧର ସମ୍ମୁଖୀନ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଅଧିକାରୀମାନେ ଏହି ଜମି ଅଧିଗ୍ରହଣ କରିବାକୁ ଯାଇଥିବାବେଳେ ଆଇଏମ୍‌ଏମ୍‌ଟିର କେତେଜଣ ବୈଜ୍ଞାନିକ ସେମାନଙ୍କୁ ବିରୋଧ କରିବା ସହ ଧାରଣା ଦେଇଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।



ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ଆଇଏମ୍‌ଏମ୍‌ଟି ପରିସରରେ ବିରୋଧ କରାଯାଉଛି।

ସୂଚନା ମୁତାବକ, ୧୯୬୪ ମସିହାରେ ଆଇଏମ୍‌ଏମ୍‌ଟିକୁ ୨୦୦ ଏକର ଜମି ଯୋଗାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଓକାକ୍, ପ୍ଲାନେଟୋରିୟମ ନିର୍ମାଣ ପାଇଁ ଏଥିରୁ ୨୩ ଏକର ଜମି ବାଦ୍ ପଡ଼ିଥିଲା। ତେବେ ଅବଶିଷ୍ଟ ୧୭୭ ଏକର ଜମି ରେଜିଷ୍ଟ୍ରେଶନ ପାଇଁ ନିର୍ଦ୍ଧାରଣ କରାଯାଇଥିଲା। ହେଲେ ଭୁଲ୍‌ବଶତଃ ରେଜିଷ୍ଟ୍ରେଶନ ସମୟରେ ୧୪୪ ଏକର ଜମି ଆଇଏମ୍‌ଏମ୍‌ଟିକୁ ମିଳିଥିଲା। ରାଜ୍ୟ ସରକାର ବଳକା ୩୩ ଏକର ଜମିରୁ ୧୯ ଏକର ଜମି ଫେରାଇ ନେବା ଲାଗି ଅନୁଷ୍ଠାନ ସହ ଆଲୋଚନା କରିଥିଲେ। ୧୯ ଏକର ଜମି ନେବା ପରେ ବଳକା ୧୪ ଏକର ଜମି ଅନୁଷ୍ଠାନ ନାମରେ ସରକାର ରେଜିଷ୍ଟ୍ରେଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ପ୍ରଶାସନ ବିଭାଗ ବିଡିଏକୁ ସମ୍ପୃକ୍ତ ୩୩ ଏକର ଜମି ଚିହ୍ନଟ କରିବାକୁ କହିଥିଲା। ଶୁକ୍ରବାର ବିଡିଏ ସ୍କ୍ୱାଡ୍ ଏହି ଜମି ଦେଖିବାକୁ ଯାଇଥିବାବେଳେ ବୈଜ୍ଞାନିକମାନେ ବିରୋଧ କରିଥିଲେ।



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।

-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ସାମୁଦ୍ରିକ କଇଁଚ ସୁରକ୍ଷା କର୍ମଶାଳା



କୃଷ୍ଣପ୍ରସାଦ, ୧୫।୧୧(ଡି.ଏନ.ଏ) କୃଷ୍ଣପ୍ରସାଦ ବ୍ଳକର ଚିଲିକା ନୂଆପଡା ରେଞ୍ଜ ଅଫିସରେ ଶୁକ୍ରବାର ସାମୁଦ୍ରିକ କଇଁଚ ସୁରକ୍ଷା ଶିବିର ଓ ପ୍ରଶିକ୍ଷଣ ତାଲିମ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ସାମୁଦ୍ରିକ କଇଁଚର ସୁରକ୍ଷା, ବଂଶ ବିସ୍ତାର ଦ୍ୱାରା ମଣିଷ ଓ ପରିବେଶ ଉପରେ କିପରି ସୁପ୍ରଭାବ ପଡିଥାଏ ସେ ନେଇ ଆଲୋଚନା ହୋଇଥିଲା। ଶିବିରରେ ସହକାରୀ ବନ ସଂରକ୍ଷକ ଶରତ କୁମାର ମିଶ୍ର, ପ୍ରାଣୀ ବିଜ୍ଞାନ ଆସୋସିଏଟ ପ୍ରଫେସର ଡା. ଶିବ ପ୍ରସାଦ ପରିଡା, ପ୍ରାଣୀ ବିଜ୍ଞାନ ବିଶାରଦ ସତ୍ୟ ରଞ୍ଜନ ବେହେରା, ରାଜ୍ୟ ସଂଯୋଜକ ବିଶ୍ୱ ବନ୍ୟଜନ୍ତୁ ସୁରକ୍ଷା ସଂସ୍ଥା ମାଇକେଲ ପିଟର, ରମ୍ଭା ବନାଞ୍ଚଳ ଅଧିକାରୀ ନଗେନ୍ କୁମାର ପଣ୍ଡା, ପକ୍ଷୀ ବିଶାରଦ ହୃଦାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟଟନସ୍ଥଳ ସାତପଡା ରେଞ୍ଜର ମାନସ ରଞ୍ଜନ ମହାପାତ୍ର, ଚିଲିକା ନୂଆପଡା ରେଞ୍ଜର ଗଙ୍ଗାଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବନପାଳ ପୂର୍ଣ୍ଣଚନ୍ଦ୍ର ବେହେରା, ରବିନ୍ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

### ପଞ୍ଚାୟତ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଜଟଣୀ, ୧୫।୧୧(ଡି.ଏନ.ଏ.) ଜଟଣୀ ନିରଞ୍ଜନପୁର ଖେଳପଡିଆରେ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ନିରଞ୍ଜନପୁରର ଡ୍ୟାରିଙ୍ଗ କ୍ଲବକୁ ୬ ଉଇକେଟ୍‌ରେ ପରାସ୍ତ କରି କନ୍ତିଆ ଗ୍ରାମର ମା’ ଚଣ୍ଡୀ କ୍ରିକେଟ୍ କ୍ଲବ ବିଜୟୀ ହୋଇଥିଲା। ଡ୍ୟାରିଙ୍ଗ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୬୨ ରନ୍ ସଂଗ୍ରହ କରିଥିଲା। ଜବାବରେ ମା’ ଚଣ୍ଡୀ କ୍ଲବ ୧୮ ଓଭର ୪ଟି ବଲ୍‌ରେ ୫ ଉଇକେଟ ବିନିମୟରେ ୧୬୩ ରନ୍ କରି ବିଜୟୀ ହୋଇଥିଲା। ଗୌତମ ପୃଷ୍ଟି ଓ ଦେବାଶିଷ ପ୍ରଧାନ ଅମ୍ପାୟର ଦାୟିତ୍ୱରେ ରହିଥିଲେ। ମା’ ଦକ୍ଷିଣକାଳୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ଭାଗୀରଥି ବେହେରା, ହିମାଂଶୁ ଭୁଜବଳ, ମୁରଲି ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ କ୍ଲବର ଶ୍ରୀମନ୍ତ ସୁନ୍ଦରାୟ, ତପନ ମହାକୁଡ଼, ବାସୁଦେବ ଜେନା ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

### ୪୦୦ ଲିଟର ରନ୍ଧାମଦ ଜବତ, ୨ ଗିରଫ

କଟକ ରୋଡ,୧୫।୧୧(ଡି.ଏନ୍.ଏ) ଭୁବନେଶ୍ୱର ଅବକାରୀ ଓ ମୋବାଇଲ ସ୍କ୍ୱାଡ୍ ଶୁକ୍ରବାର ଚନ୍ଦକା ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୨ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ମାଜଣା ଗ୍ରାମର ଅଭି ସାହୁ ଓ ବିନ୍ଧ୍ୟଗିରିର ଛବି ସାହୁ। ଏମାନଙ୍କ ଠାରୁ ୪୦୦ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୭୦ହଜାର ଟଙ୍କା ହେବ ବୋଲି ସ୍କ୍ୱାଡ୍ ପକ୍ଷରୁ କୁହାଯାଇଛି। ଏ ନେଇ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା (ନଂ. ୬୨/୨୦୧୯-୨୦୨୦)ରୁଜୁ ହୋଇଛି। ଉକ୍ତ ଚଢ଼ାଉରେ ଅବକାରୀ ରେଞ୍ଜ ଇନ୍ସପେକ୍ଟର ଦେବାଶିଷ ପଟେଲ, ଏସ୍ଆଇ ହିତାଂଶୁ ଶେଖର ମଲ୍ଲିକ, ସୁଜିତ୍ କୁମାର ମୁଦୁଲି, ସୁବାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଗୋଟିଏ ଜମିକୁ ୩ ଥର ବିକ୍ରି

ଖୋର୍ଦ୍ଧା ଅଫିସ,୧୫।୧୧

- ଦଲିଲରେ ଜାଲିଆତି
- ଭିନ୍ନକ୍ଷମ ମହିଳା ଠକେଇର ଶିକାର

ଖୋର୍ଦ୍ଧା ଜିଲା ବାଣପୁର ତହସିଲ ଭାଟପଡା ଅଞ୍ଚଳରେ ବିକ୍ରି ହୋଇଥିବା ଏକ ଜମିକୁ ଜାଲ ଦଲିଲ କରି ପୁଣି ବିକ୍ରି କରାଯାଇଛି। ପୂର୍ବରୁ ଜମି ୨ ଥର ବିକ୍ରି ହୋଇ ସାରିଥିବାବେଳେ ଜମି କିଣିଥିବା ଭିନ୍ନକ୍ଷମ ମହିଳା ନ୍ୟାୟ ପାଇଁ ଉପନିବନ୍ଧକ ବାଣପୁର, ଜିଲାପାଳ ଖୋର୍ଦ୍ଧା, ଆରକ୍ଷୀ ଅଧୀକ୍ଷକ ଭୁବନେଶ୍ୱରଙ୍କୁ ଅବଗତ କରାଇଛନ୍ତି। ଅନ୍ୟପକ୍ଷେ ଜାଲ ଦଲିଲରେ ଜମି ବିକ୍ରି ହେବା ନେଇ ବାଣପୁର ସବ୍ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟର କେତେଜଣ କର୍ମଚାରୀ ସମ୍ପୃକ୍ତ ଥାଇ ପାରନ୍ତି ବୋଲି ଅଭିଯୋଗ ରହିଛି।

ଅଭିଯୋଗ ଅନୁସାରେ, ଦଲିଲ ନଂ. ୮୩୭୫ ଭାଟପଡାର ବାଞ୍ଛାନିଧି ମହାରଥୀ ଖାତା ନଂ. ୪୧୪, ପ୍ଲଟ ନଂ. ୧୬୧ ଓ ୧୬୨ରୁ ୧ ଏକର ୧୧୭ ଡିସିମିଲ୍ ଜମି ଲହଙ୍ଗାଡିହର ଅଦ୍ୱୈତ୍ୟ ସେଣଙ୍କୁ ୨୨।୯।୧୯୫୯ରେ ବିକ୍ରୟ କରିଥିଲେ। ଖରିଦ୍ ଦାର ଲହଙ୍ଗାଡିହର ଅଦ୍ୱୈତ୍ୟଙ୍କ ମୃତ୍ୟୁ ପରେ ୪ ପୁତ୍ର ସୁରେନ୍ଦ୍ର, ଉପେନ୍ଦ୍ର, ନରେନ୍ଦ୍ର ଓ ମହେନ୍ଦ୍ର ୧ ଏକର ୧୧୭ ଡିସିମିଲ୍ ଜମିରୁ ୧୪୪ ଡିସିମିଲ୍ ଜମି ବିକ୍ରି କରିଥିଲେ। ଏହି ଜମିକୁ ୨୫।୪।୨୦୦୮ରେ ଦଲିଲ ନଂ. ୮୩୮ରେ ଲହଙ୍ଗାଡିହର ଭିନ୍ନକ୍ଷମ ମହିଳା ପ୍ରମିଳା ସେଣ କିଣିଥିଲେ। ତେବେ ପ୍ରମିଳା ଜମି ବିକ୍ରି କରି ନ ଥିଲେ ମଧ୍ୟ ତାଙ୍କର ଅଜାଣତରେ ୧୪୪ ଡିସିମିଲ୍ ଜମି ବିକ୍ରି ହୋଇଯାଇଥିଲା। ଜାଲ ଦଲିଲରେ ଜମି ବିକ୍ରି ଜାଣି ପାରି ସେ ସାର୍ଟିଫାଏଡ୍ କପି ମଗାଇ ଜାଣି ପାରିଥିଲେ ଜମିର ମୂଳ ମାଲିକଙ୍କ ପରିବାରର ଉତ୍ତରାଧିକାରୀ ଜମି ବିକ୍ରି କରିଛନ୍ତି। ୧୪୪ ଡିସିମିଲ୍ ଜମିକୁ ୧୧୧୦୧୯୦୧୬୮୦୫୮/୨୦୧୯ ନଂ. ଦଲିଲରେ ବିକ୍ରି କରାଯାଇଛି। ଏହାପରେ ଜମି ଠକେଇର ଶିକାର ହୋଇଥିବା ପ୍ରମିଳା ନ୍ୟାୟ ପାଇଁ ଘୂରି ବୁଲୁଛନ୍ତି। ଏ ନେଇ ପ୍ରମିଳା ସେଣ କୁହନ୍ତି, ତାଙ୍କର ଗୋଟିଏ ଭୁଲ ଜମିର ପଟ୍ଟା କରି ନ ଥିଲେ। ତେବେ ଦଲିଲ ତାଙ୍କ ପାଖରେ ଥିଲା। ଯାହାକି ସବ୍‌ରେଜିଷ୍ଟ୍ରାର ଅଫିସରେ ଉପଲବ୍ଧ ଅଛି। ତେବେ ମୋ ଦଲିଲ ବ୍ୟବହାର କରା ନ ଯାଇ କିପରି ଜାଲ ଦଲିଲରେ ଜମି ବିକ୍ରି କରାଗଲା ତାହା ତଦନ୍ତ ସାପେକ୍ଷ। ଭିଜିଲାନ୍ସ ତଦନ୍ତ କଲେ ପ୍ରକୃତ ସତ୍ୟ ପଦାକୁ ଆସନ୍ତା ବୋଲି ସେ କହିଛନ୍ତି।

## କୌତୁକିଆ ପୋଷାକ ପ୍ରତିଯୋଗିତା




କୌତୁକିଆ ପୋଷାକ ପ୍ରତିଯୋଗିତାରେ ସାମିଲ ହୋଇଥିବା ସ୍କୁଲର ପିଲାମାନେ।

ଯାଁଳା,୧୫।୧୧(ଡି.ଏନ.ଏ.)

ଯାଁଳା ପଞ୍ଚାୟତ ପେଟ୍ରୋଲ ପମ୍ପ ନିକଟରେ ଥିବା ୱିଲିୟମ୍ କ୍ୟାରି ସ୍କୁଲରେ ଗୁରୁବାର ଶିଶୁଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଛୋଟ ପିଲାଙ୍କ ମଧ୍ୟରେ କୌତୁକିଆ ପୋଷାକ ପ୍ରତିଯୋଗିତା ହୋଇଥିଲା। ଏଥିସହ ନୃତ୍ୟ, ନାଟକ ଆଦି ପରିବେଷଣ ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ମହାପାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ପେନ୍‌ସନ, ପ୍ରାପ୍ୟ ଦାବିରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା

ଜଟଣୀ,୧୫।୧୧(ଡି.ଏନ.ଏ)

ଅବସରକାଳୀନ ସମସ୍ତ ପ୍ରାପ୍ୟ ଓ ପୂର୍ଣ୍ଣ ପେନ୍‌ସନ ପ୍ରଦାନ ଦାବିରେ ପୁଣି ଅବସରପ୍ରାପ୍ତ କର୍ମଚାରୀ ଶୁକ୍ରବାର ଧାରଣା ଦେଇଥିଲେ। ଜଟଣୀ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଏହି ଧାରଣା ଦିଆଯାଇଥିଲା। ଏସବୁ ଦାବି ନେଇ ଦୀର୍ଘଦିନ ହେବ ଜଟଣୀ ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ ଜାରି ରହିଛି। ହେଲେ ସବୁଥର କେବଳ ପ୍ରତିଶ୍ରୁତି ମିଳୁଥିବା ସେମାନେ କହିଛନ୍ତି। ବର୍ଷେ ମଧ୍ୟରେ ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ୪ ଥର ଧାରଣା ଦିଆଗଲାଣି ବୋଲି ସଂଘର ସଭାପତି ଆଇନଜୀବୀ ସୁବ୍ରତ କୁମାର ନନ୍ଦ କହିଛନ୍ତି। ବକେୟା ପ୍ରାପ୍ୟ ନ ପାଇ ଆର୍ଥିକ ଅନଟନରେ ୫ ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ରୋଗଶଯ୍ୟାରେ ପଡିଥିବା ସେ କହିଥିଲେ। ଏପରି କି କେତେକ ଅବସର କର୍ମଚାରୀଙ୍କ ସର୍ଭିସ ବୁକ୍‌ରୁ



ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଧାରଣାରତ ଅବସରପ୍ରାପ୍ତ କର୍ମଚାରୀମାନେ।

ପୃଷ୍ଠା ଚିରି ଦିଆଯାଇଥିବା ନନ୍ଦ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପରିଷଦର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ଧାରଣାସ୍ଥଳରେ ପହଞ୍ଚି ଶୀଘ୍ର କିପରି ସମସ୍ୟା ଦୂର ହେବ ସେ ନେଇ ପ୍ରକ୍ରିୟା ଜାରି ରହିଥିବା କହିବା ପରେ ସନ୍ଧ୍ୟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ନିର୍ବାହୀ ଅଧିକାରୀ ମହାପାତ୍ର କୁହନ୍ତି, ସରକାରଙ୍କ ନିକଟକୁ ପଠାଯାଇଥିବା ଫାଇଲ୍‌ରୁ କେତେଜଣଙ୍କ ଅନୁମୋଦନ ହୋଇ ଆସିଥିବା ବେଳେ ଆଉ କେତେଜଣଙ୍କର ଅଡିଟ ଆପତ୍ତି ଯୋଗୁ ଫେରି ଆସିଛି। ତ୍ୱରାନ୍ୱିତ ପ୍ରକ୍ରିୟାରେ ଏହାର ମଧ୍ୟ ପ୍ରକ୍ରିୟା ଜାରି ରହିଥିବା ସେ କହିଛନ୍ତି। ଶୁକ୍ରବାର ଧାରଣାରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ଉପସଭାପତି ସୁବାସ ସୁବୁଦ୍ଧି, ସମ୍ପାଦକ ସରୋଜ ରାୟ ଓ ଅନ୍ୟ କର୍ମକର୍ତ୍ତା ନେତୃତ୍ୱ ନେଇଥିଲେ।

## ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗ

ଖୋର୍ଦ୍ଧା ଅଫିସ,୧୫।୧୧

ସ୍ଥାନୀୟ ଅଞ୍ଚଳର ଯୁବ ସାମ୍ବାଦିକ ପ୍ରଶାନ୍ତ କୁମାର ନାୟକଙ୍କ ୩୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଏକ ଦୈନିକ ସମ୍ବାଦପତ୍ରର ସ୍ଥାନୀୟ ପ୍ରତିନିଧି ଭାବେ ପ୍ରଶାନ୍ତ କାର୍ଯ୍ୟରତ ଥିଲେ। ତେବେ କିଛିଦିନ ହେବ ସେ ଅସୁସ୍ଥ ହୋଇପଡିବାରୁ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ଗୁରୁବାର ତାଙ୍କର ମୃତ୍ୟୁ ହୋଇଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମାପନା କରାଯାଇଥିବା ବେଳେ ମୃତ ପ୍ରଶାନ୍ତଙ୍କ ବିଧବା ସ୍ତ୍ରୀଙ୍କ ସମେତ ଦୁଇ ସନ୍ତାନ ଅଛନ୍ତି।

## କାର୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଖୋର୍ଦ୍ଧା ଅଫିସ,୧୫।୧୧

ବାଣପୁର-ବାଲୁଗାଁ ମୁଖ୍ୟ ରାସ୍ତାର ଅଲାଇଡିହ ଛକ ନିକଟରେ ଶୁକ୍ରବାର କାର ଧକ୍କାରେ ସାଇକେଲ ଆରୋହୀଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବୀର ରାଉତ (୫୫)। ଘର ବାଣପୁର ଥାନା ବନ୍ଧମୁଣ୍ଡାଇ ଗ୍ରାମରେ। ବନ୍ଧମୁଣ୍ଡାଇ ଗ୍ରାମର ବୀର ସକାଳ ପ୍ରାୟ ସାଢେ ୮ଟାରେ ସାଇକେଲ ଯୋଗେ ଗ୍ରାମରୁ ବାଲୁଗାଁ କାମକୁ ଯାଉଥିଲେ। ନଂ. ଓଡି୦୨ ବିସି ୮୦୦୯ନଂର କାର ଅଲାଇଡିହ ଛକ ନିକଟରେ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବୀର ଗୁରୁତର ଆହତ ହୋଇ ରାସ୍ତାରେ ପଡିଯାଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ କାର ଚାଳକ ବୀରଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଅନ୍ୟପକ୍ଷରେ କାର ଚାଳକ ବାଣପୁର ଥାନାରେ ଆତ୍ମ ସମର୍ପଣ କରିଛନ୍ତି। ପୋଲିସ କାରକୁ ଜବତ କରି ତଦନ୍ତ ଚଳାଇଛି। ଦୁର୍ଘଟଣାସ୍ଥଳରେ ହମ୍ପ୍ସ ନିର୍ମାଣ ସହ ମୃତ ବୀର ରାଉତ ଜଣେ ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଦାବିରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଅତିରିକ୍ତ ତହସିଲଦାର ମନ୍ମଥ ବେହେରା ଗ୍ରାମରେ ପହଞ୍ଚି ମୃତ ବୀରଙ୍କ ସ୍ତ୍ରୀଙ୍କୁ ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ଉତ୍ତେଜନା ଥମିଥିଲା।

## କନକ ମଞ୍ଜରୀ ସ୍ମୃତି ସମ୍ମାନ ପ୍ରଦାନ ସମାରୋହ

ନିରାକାରପୁର, ୧୫।୧୧ (ଡି.ଏନ.ଏ.)

ସାମାଜିକ କର୍ମୀ ସ୍ୱର୍ଗତ କନକ ମଞ୍ଜରୀ ଶ୍ରୀଚନ୍ଦନଙ୍କ ଶୁକ୍ରବାର ଏକାଦଶାହ ଅବସରରେ ବିଦ୍ୟାଧର କନକ ମଞ୍ଜରୀ ସ୍ମୃତି ସଂସଦ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ କନକ ମଞ୍ଜରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣି, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବିଜେଡି ନେତା ଅରୂପ ପଟ୍ଟନାୟକ, ଟାଙ୍ଗୀ ବ୍ଳକ୍‌ର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, ସାମାଜିକ କର୍ମୀ କୃଷ୍ଣ ଜଗଦ୍ଦେବ, ଖୋର୍ଦ୍ଧା ଜିଲା ଅଞ୍ଜୁମନ ଇସ୍‌ଲାମ୍‌ର ସଭାପତି ରମ୍‌ଜାନ ଖାଁ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସେମାନେ କନକ ମଞ୍ଜରୀଙ୍କୁ ଏକା ଧାରାରେ ଜଣେ ଗୃହିଣୀ, ସାମାଜିକ କର୍ମୀ, ଶିଶୁ ସାହିତ୍ୟିକ ଓ ପରିବେଶ ପ୍ରେମୀ ଥିଲେ ବୋଲି କହିଥିଲେ। ଏହି ଅବସରରେ ସମାଜସେବା ପାଇଁ ପଦ୍ମ ଚରଣ ରାୟ, ଶ୍ରେଷ୍ଠ ଗ୍ରୀନ୍ କମାଣ୍ଡାଣ୍ଟ ଭାବେ ତ୍ରିନାଥ ମୁଦୁଲି, ଶିକ୍ଷାବିତ୍ ଭବାନୀ ଶଙ୍କର ପଟ୍ଟନାୟକ, ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ, ଦାଶରଥି ଶ୍ରୀଚନ୍ଦନ, ପାଇକ ଆଖଡା ଗୁରୁ ଗୋଲଖ ଜୟସିଂହ ଓ ଶ୍ରେଷ୍ଠ ଯୁବ ସଙ୍ଗଠକ ଭାବେ ଟାଙ୍ଗୀ ଶିବା ୟୁଥ୍ କ୍ଲବକୁ ସମ୍ମାନିତ କରାଯାଇଥିଲା। ଏଥିସହ ସ୍ମୃତି ସଂସଦ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପ୍ରେରଣାର ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ, ପ୍ରକାଶ ଶ୍ରୀଚନ୍ଦନ ପ୍ରମୁଖ।

## ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

ଖୋର୍ଦ୍ଧା ଅଫିସ,୧୫।୧୧

ଖୋର୍ଦ୍ଧା ବ୍ଳକ ନିଜିଗଡ଼ ତାପଙ୍ଗସ୍ଥିତ ବିନାୟକ ପବ୍ଲିକ ସ୍କୁଲର ୧୭ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଶିକ୍ଷାବିତ୍ ବିଜୟ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷାଧିକାରୀ ବୈଦ୍ୟନାଥ ସାହୁ ମୁଖ୍ୟ ଅତିଥି, ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ରୂପେ କୈଳାସ ଚନ୍ଦ୍ର ବଳିଆରସିଂହ ଓ ଗୌରୀ ଶଙ୍କର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଚିନ୍ମୟ କୁମାର ମହାନ୍ତି ସ୍ୱାଗତ ଭାଷଣ, ସୁଜାତା ନାୟକ ବାର୍ଷିକ ବିବରଣୀ ପାଠ ଓ ଲୋପାମୁଦ୍ରା ରଣଜିତ୍ ଅତିଥି ପରିଚୟ ଦେଇଥିଲେ। ମହିରୁନ୍ ବେଗମ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗୋଟିପୁଅ ନାଚ, ଓଡ଼ିଶୀ ସଙ୍ଗୀତ ଓ ବିବିଧ ନୃତ୍ୟର ଆସର ଲାଗି ରହିଥିଲା।

## ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଖୋର୍ଦ୍ଧା ଅଫିସ,୧୫।୧୧

ବେଗୁନିଆ ବ୍ଳକ ଛତ୍ରପଡ଼ାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୩ତମ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମାଧବ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟ ଅତିଥି, ମନ୍ଦାରବସ୍ତ କଲେଜର ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ସୁନ୍ଦରାୟ ମୁଖ୍ୟବକ୍ତା ଏବଂ ଖୋର୍ଦ୍ଧା ମହାପ୍ରଭୁ ଜଗନ୍ନାଥ କଲେଜର ନିର୍ଦ୍ଦେଶକ ବୀରବର ସଂଗ୍ରାମ ସିଂହ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ମହାନ୍ତି, ସୁବାସ ଚନ୍ଦ୍ର ରାୟ ଯୋଗ ଦେଇଥିଲେ। କବି ଲକ୍ଷ୍ମୀଧର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ସମ୍ପାଦକ ଫକୀର ମୋହନ ଛୋଟରାୟ ବାର୍ଷିକ ବିବରଣୀ ପାଠ ଓ ଶେଷଦେବ ଚହଟରାୟ ଧନ୍ୟବାଦ ଦେଇଥିଲେ। ପୁରସ୍କାର ବିତରଣ ପରେ ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହୋଇଥିଲା।

### ଆଇଏମ୍ଏମ୍‌ଟି ପରିସରରୁ ଜମି ଅଧିଗ୍ରହଣକୁ ବିରୋଧ

# ବିଡିଏ ସ୍କ୍ୱାଡ୍ - ବୈଜ୍ଞାନିକ ମୁହାଁମୁହିଁ



ଜମି ଅଧିଗ୍ରହଣକୁ ନେଇ ମୁହାଁମୁହିଁ ଅବସ୍ଥାରେ ଥିବା ବିଡିଏ ସ୍କ୍ୱାଡ୍ ଓ ବୈଜ୍ଞାନିକମାନେ।

ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)

ଆଚାର୍ଯ୍ୟବିହାରସ୍ଥ ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍ଏମ୍‌ଟି) ପରିସରରୁ ଜମି ଅଧିଗ୍ରହଣ କରିବାକୁ ଆସି ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ବିରୋଧର ସମ୍ମୁଖୀନ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଅଧିକାରୀମାନେ ଏହି ଜମି ଅଧିଗ୍ରହଣ କରିବାକୁ ଯାଇଥିବାବେଳେ ଆଇଏମ୍ଏମ୍‌ଟିର କେତେଜଣ ବୈଜ୍ଞାନିକ ସେମାନଙ୍କୁ ବିରୋଧ କରିବା ସହ ଧାରଣା ଦେଇଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ମୁତାବକ, ୧୯୬୪ ମସିହାରେ ଆଇଏମ୍ଏମ୍‌ଟିକୁ ୨୦୦ ଏକର ଜମି ଯୋଗାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଓକାକ୍, ପ୍ଲାନେଟୋରିୟମ ନିର୍ମାଣ ପାଇଁ ଏଥିରୁ ୨୩ ଏକର ଜମି ବାଦ୍ ପଡ଼ିଥିଲା। ତେବେ ଅବଶିଷ୍ଟ ୧୭୭ ଏକର ଜମି ରେଜିଷ୍ଟ୍ରେଶନ ପାଇଁ ନିର୍ଦ୍ଧାରଣ କରାଯାଇଥିଲା। ହେଲେ ଭୁଲ୍‌ବଶତଃ ରେଜିଷ୍ଟ୍ରେଶନ ସମୟରେ ୧୪୪ ଏକର ଜମି ଆଇଏମ୍ଏମ୍‌ଟିକୁ ମିଳିଥିଲା। ରାଜ୍ୟ ସରକାର ବଳକା ୩୩ ଏକର ଜମିରୁ ୧୯ ଏକର ଜମି ଫେରାଇ ନେବା ଲାଗି ଅନୁଷ୍ଠାନ ସହ ଆଲୋଚନା କରିଥିଲେ। ୧୯ ଏକର ଜମି ନେବା ପରେ ବଳକା ୧୪ ଏକର ଜମି ଅନୁଷ୍ଠାନ ନାମରେ ସରକାର ରେଜିଷ୍ଟ୍ରେଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ପ୍ରଶାସନ ବିଭାଗ ବିଡିଏକୁ ସମ୍ପୃକ୍ତ ୩୩ ଏକର ଜମି ଚିହ୍ନଟ କରିବାକୁ କହିଥିଲା। ଶୁକ୍ରବାର ବିଡିଏ ସ୍କ୍ୱାଡ୍ ଏହି ଜମି ଦେଖିବାକୁ ଯାଇଥିବାବେଳେ ବୈଜ୍ଞାନିକମାନେ ବିରୋଧ କରିଥିଲେ।

### ଜାତୀୟ ରାଜପଥରେ ଦେଖାଉଛନ୍ତି ରେଡ୍ ଲାଇଟ୍

# ହୋଟେଲକୁ ଆମନ୍ତ୍ରଣ କରୁଛନ୍ତି ସିକ୍ୟୁରିଟି ଗାର୍ଡ

ଖୋର୍ଦ୍ଧା ଅଫିସ,୧୫।୧୧

ଜଟଣୀ ଥାନା ଯାଁଳା ଫାଣ୍ଡି ୧୬ ନଂ. ଜାତୀୟ ରାଜପଥର ଯାଁଳାରେ ଏକ ରେଡ୍ ଲାଇଟ୍ ଦେଖାଯାଉଛି। ଏକ ଫାମିଲ ରେଷ୍ଟୁରାଣ୍ଟର ସିକ୍ୟୁରିଟି ଗାର୍ଡ ଏହି ଲାଇଟ୍ ବୁଲାଇ ନିଜ ହୋଟେଲକୁ ଯାନବାହନରେ ଯାଉଥିବା ଯାତ୍ରୀଙ୍କୁ ଆମନ୍ତ୍ରଣ କରୁଛନ୍ତି। ଏପରି କି ରାସ୍ତା ଉପରେ ଠିଆ ହୋଇ ହୁଇସିଲ୍ ମାରୁଛନ୍ତି। ଅଜଣା ଲୋକ ଅନ୍ଧାର ରାସ୍ତାରେ ରେଡ୍ ଲାଇଟ୍ ଦେଖି ଭୟଭୀତ ହେଉଛନ୍ତି। ପ୍ରଶ୍ନ ଉଠୁଛି ହୋଟେଲ ମାଲିକଙ୍କୁ କିଏ ଅଧିକାର ଦେଲା ରାସ୍ତା ଉପରେ ସିକ୍ୟୁରିଟି ଗାର୍ଡକୁ ରେଡ ଲାଇଟ୍ ବୁଲାଇ ଆମନ୍ତ୍ରଣ କରିବାକୁ । ଜଟଣୀ ଥାନା ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



ରେଷ୍ଟୁରାଣ୍ଟର ସିକ୍ୟୁରିଟି ଗାର୍ଡ ରାସ୍ତା ପାର୍ଶ୍ୱରେ ରେଡ ଲାଇଟ ଗାଡିକୁ ଦେଖାଉଛନ୍ତି।

# ଫାଣ୍ଡି ଆଗରେ ହମ୍ପ୍ସ, ପ୍ରତ୍ୟହ ଘଟୁଛି ଦୁର୍ଘଟଣା

ଚିଲିକା, ୧୫।୧୧(ଡି.ଏନ.ଏ.)

୧୬ ନଂ. ଜାତୀୟ ରାଜପଥ ୬ ଲେନ୍ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବାଣପୁର ଥାନା ନାଚୁଣୀ ଫାଣ୍ଡି ସମ୍ମୁଖରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉଭୟପାର୍ଶ୍ୱରେ ନିର୍ମିତ ହମ୍ପ୍ସ ଫଳରେ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ବାଇକ୍ ଆରୋହୀ, ଅଟୋ ରିକ୍ସା ଚାଳକ ଏବଂ ଯାତ୍ରୀ ତଥା ପଥଚାରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ହେଲେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

ଜନସାଧାରଣଙ୍କ ଦାବି ଫଳରେ ଦୁର୍ଘଟଣା ପ୍ରବଣ ସ୍ଥାନ ସୁନାଖଳାଠାରୁ ଗମ୍ଭାରିମୁଣ୍ଡା-ବାଣପୁର ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ଓ ପଥଚାରୀମାନଙ୍କ ପାଇଁ ଏକ ଅଣ୍ଡର ପାଶ୍ ବ୍ରିଜ୍ ସୁପାରିସ କରାଯାଇ ନିର୍ମାଣ ଆରମ୍ଭ ହୋଇଛି। ଅପ୍ ଲାଇନ୍‌ରେ ଡାକ୍ତରଖାନା ସମ୍ମୁଖ ରାସ୍ତା ଖୋଲାଯାଇ ନିର୍ମାଣ କାର୍ଯ୍ୟ ଚାଲିବା ପୂର୍ବରୁ ଏହାର ୫୦ ମିଟର ଉତ୍ତର ଦିଗକୁ ଫାଣ୍ଡି ଆଗରେ ଏକ ସୁଉଚ୍ଚ ହମ୍ପ୍ସ କରାଯାଇଛି। ଏହାର ପୂର୍ବରୁ ସତର୍କତା ମୂଳକ ସୂଚନା ଫଳକ ନ ଥିବାରୁ ଏବଂ ରାତ୍ରିରେ ବହୁ ଲାଇନ୍ ଟ୍ରକ୍, ଦୁଇଚକିଆ, ତିନିଚକିଆ, ପଥଚାରୀ ମଧ୍ୟ ଦୁର୍ଘଟଣା ଗ୍ରସ୍ତ ହେଉଛନ୍ତି। ବହୁ ବ୍ୟକ୍ତି ରାସ୍ତା ଦୁର୍ଘଟଣା ଫଳରେ ଗୁରୁତର ଆହତ ହୋଇ ସଙ୍କଟାପନ୍ନ ଅବସ୍ଥାରେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏଠାରେ ଦୁର୍ଘଟଣାର ଶିକାର ହୋଇ ଚିଲିକା ବ୍ଲକ୍ କୁମାଣ୍ଡୋଳ ଗ୍ରାମର ବାଇକ୍ ଆରୋହୀ କାଳିଆ ବେହେରା ଓ ଦୁନିଆ ବେହେରା ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କାଳିଆଙ୍କ ଅବସ୍ଥା ଏବେ ମଧ୍ୟ ସଙ୍କଟାପନ୍ନ ଅଛି। ଏହା ବ୍ୟତୀତ ଏହି ନିର୍ମାଣ ଓ ହମ୍ପ୍ସ ଫଳରେ ଜାତୀୟ ରାଜପଥ ଉପରେ ଥିବା ବ୍ରିଟିଶ୍ ଅମଳର ବସ୍ ଷ୍ଟାଣ୍ଡ ସୁନାଖଳାଠାରେ ଆଉ ଘରୋଇ କିମ୍ବା ସରକାରୀ ବସ୍ ଅଟକୁ ନାହିଁ। ଫଳରେ ବହୁ ଯାତ୍ରୀ ପ୍ରତ୍ୟହ ହଇରାଣ ହୋଇ ନାଚୁଣୀ ବାଇପାସ୍ କିମ୍ବା କଉଡିଖଣି ବାଇପାଶ୍ ନିକଟକୁ ୧ କିମି ଚାଲି ଚାଲି ଆସୁଛନ୍ତି। ଏହି ଅବସ୍ଥା ହେତୁ ଉକ୍ତ ସ୍ଥାନରେ ଅହୋରାତ୍ର ଜାତୀୟ ରାଜପଥ ପକ୍ଷରୁ ସତର୍କତା ମୂଳକ ସୂଚନା ଫଳକ ବା କର୍ମଚାରୀ ମୁତୟନ କରିବାକୁ ସାଧାରଣରେ ଦାବି ହେଉଛି।



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।

-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ବ୍ରହ୍ମଗିରିର ବିଜିପୁର ୟୁଜି ୟୁପି ବିଦ୍ୟାଳୟ ପୁରସ୍କୃତ

ବ୍ରହ୍ମଗିରି, ୧୫।୧୧(ଡି.ଏନ୍.ଏ.): ରାଜ୍ୟସ୍ତରୀୟ ଓଡ଼ିଶା ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପାଇଁ ବ୍ରହ୍ମଗିରିସ୍ଥିତ ବିଜିପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରସ୍କୃତ ହୋଇଛି। ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ମହାରଥା ଏବଂ ସହକାରୀ ଶିକ୍ଷକ ଜମ୍ମେଶ୍ୱର ଦାସ ଯୋଗଦେଇ ଏହି ପୁରସ୍କାରଟିକୁ ଗ୍ରହଣ କରିଛନ୍ତି। ଏ ନେଇ ଓସେପା ପକ୍ଷରୁ ବୁଧବାର ଚିଠି ନଂ-୮୯୯୯ରେ ଜଣାଇ ଦିଆଯାଇଥିଲା। ବିଦ୍ୟାଳୟ ପରିସରରେ ବିଶୁଦ୍ଧ ପାନୀୟଜଳ, ସ୍ୱଚ୍ଛ ଶୌଚାଳୟ, ମଧ୍ୟାହ୍ନଭୋଜନ ସମୟରେ ହାତ ଧୋଇବାର ସୁବନ୍ଦୋବସ୍ତ, କଠିନ ଓ ତରଳ ବର୍ଜ୍ୟବସ୍ତୁର ସୁପରିଚାଳନା ଏବଂ ପ୍ଲାଷ୍ଟିକମୁକ୍ତ ବିଦ୍ୟାଳୟ ପାଇଁ ବ୍ଲକ, ଜିଲା ଏବଂ ରାଜ୍ୟସ୍ତରୀୟ କମିଟି ଦ୍ୱାରା ମନୋନୀତ କରାଯାଇଥିଲା। ଏ ନେଇ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବଲିୟାରସିଂ ଏବଂ ସୁଧୀର ପଣ୍ଡା ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି।

### ମାମୁଘରେ ଭଣଜାର ମୃତ୍ୟୁ ମା'ଆଣିଲେ ହତ୍ୟା ଅଭିଯୋଗ

କଣାସ,୧୫।୧୧(ସ୍ୱ.ପ୍ର.): କଣାସ ଥାନା ଅନ୍ତର୍ଗତ ଗଡ଼ସାନପୁଟ ପଞ୍ଚାୟତ ଗଡ଼ବଡ଼ପୁଟ ଗ୍ରାମରେ ଗତ ୧୩ତାରିଖରେ ମାମୁଙ୍କ ଘରେ ଭଣଜାର ମୃତ୍ୟ ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ ହରକ୍ଷପଡ଼ା ଗ୍ରାମର ରାକେଶ କୁମାର ବିଶ୍ୱାଳ। ଏହି ଖବର ମା' ସକୁନ୍ତଳା ବିଶ୍ୱାଳ ଜାଣିବା ପରେ ସେଠାରେ ପହଞ୍ଚି ଦେଖନ୍ତି ପୁଅର ମୃତଦେହ ତଳେ ପଡିଥିବାବେଳେ ଫ୍ୟାନରେ ଛିଣ୍ଡା ରଶି ଲାଗିରହିଥିଲା। ସେ ତାଙ୍କ ଭାଇ ଗଡ଼ବଡ଼ପୁଟ ଗ୍ରାମର ସେବା ନିବୃତ୍ତ ଅଧକ୍ଷ ଭାସ୍କର ସାମନ୍ତରାୟ ଓ ଭାଉଜ ମୀନାକ୍ଷୀ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ବେହେରା ଘଟଣାସ୍ଥଳକୁ ଯାଇ ରାକେଶଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଦିଆଯାଇଛି। ଏହାସହ ନଂ.୧୨୮/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମାମୁ ଭାସ୍କର ଘଟଣା ଦିନ ରାକେଶ ଆତ୍ମହତ୍ୟା କରିଥିବା କହୁଥିବାବେଳେ ଶୁକ୍ରବାର ଫେରାର ଥିବା ଜଣାପଡିଛି।

### ପ୍ରାଥମିକ ଚିକିତ୍ସା ତାଲିମ ଶିବିର

ପୁରୀ ଅଫିସ, ୧୫।୧୧ : ଶ୍ରୀ ଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ୟୁଥ ରେଡକ୍ରସ ପକ୍ଷରୁ ଦୁଇ ଦିନିଆ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ.ଜଗବନ୍ଧୁ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ରାଜ୍ୟ ଶାଖାର ବରିଷ୍ଠ ପ୍ରଶିକ୍ଷକ ଡ.ବିକାଶ କୁମାର ପ୍ରସାଦ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଦୁର୍ଘଟଣାସ୍ଥଳରେ କିପରି ଆହତଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯିବ ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଯୁବ ରେଡକ୍ରସ ପ୍ରଶିକ୍ଷକ ସୁଶୀଲ କୁମାର ପଟ୍ଟନାୟକ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ବୁଝାଇଥିଲେ। ୟୁଥ ରେଡକ୍ରସ ଅଧିକାରୀ ଅଧାପକ ରବିଶଙ୍କର ମିଶ୍ର ଏହାକୁ ପରିଚାଳନା କରିଥିଲେ।

### ଏମ୍‌ପି, ମନ୍ତ୍ରୀଙ୍କ ପ୍ରତିନିଧି ମନୋନୀତ

କାକଟପୁର, ୧୫।୧୧(ଡି.ଏନ୍.ଏ.): କାକଟପୁର ନିର୍ବାଚନମଣ୍ଡଳୀରେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକଙ୍କ ପ୍ରତିନିଧି ଭାବେ ବରିଷ୍ଠ ରାଜନେତା ଜ୍ଞାନରଞ୍ଜନ ସାହୁ ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ପ୍ରତିନିଧି ଭାବେ କବିରାଜ ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଲତାହରଣ ପଞ୍ଚାୟତ ପକ୍ଷରୁ ଦୁଇଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ ମମତା ନାୟକ, ସମିତିସଭ୍ୟ ଗୋଲାମ ରସୁଲ ଖାନ୍ ଏବଂ ସାମାଜିକ କର୍ମୀ ସୁକାନ୍ତ ନାୟକଙ୍କ ପକ୍ଷରୁ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।

### କଳିଙ୍ଗ ବିହାର ବିକାଶ କମିଟି ନୂତନ କର୍ମକର୍ତ୍ତା

ସାକ୍ଷୀଗୋପାଳ,୧୫।୧୧(ଡି.ଏନ.ଏ.): ସାକ୍ଷୀଗୋପାଳ ଗେଟ୍ ବଜାରସ୍ଥିତ କଳିଙ୍ଗ ବିହାର ବିକାଶ ସମିତିର ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ସର୍ବସମ୍ମତି କ୍ରମେ ବନମାଳୀ ବେହେରା(ସଭାପତି), ଗଙ୍ଗାଧର ଦାଶ (ଉପସଭାପତି), ଗୋଲକ ବିହାରୀ ପଟ୍ଟନାୟକ (ସମ୍ପାଦକ), ମନୋଜ କୁମାର ମହାପାତ୍ର (ସହସମ୍ପାଦକ), ବୈରାଗୀ କୁମାର ଦାସ (କୋଷାଧ୍ୟକ୍ଷ) ଓ ରାଧାନାଥ ଷଡଙ୍ଗୀ କାର୍ଯ୍ୟାଳୟ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ୭ଜଣ ସଦସ୍ୟ ରହିଛନ୍ତି।

■ ଘର ଭିତରୁ ଯୁବକଙ୍କ ମୃତଦେହ ମିଳିବା ଘଟଣା

# ୨ ଗିରଫ, ବାଲି ବେପାରକୁ ନେଇ ରହିଥିଲା ବିବାଦ

ପୁରୀ ଅଫିସ, ୧୫।୧୧:

ପୁରୀ ସଦର ଥାନା ଅଧୀନ ବ୍ରହ୍ମଗିରିରୋଡ କୋରୁଆଁ ଛକ ନିକଟ ଏକ ଘର ଭିତରୁ କଣ୍ଟପୁରର ବେଲ ବିଶ୍ୱାଳଙ୍କ ମୃତଦେହ ମିଳିବା ଘଟଣାରେ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖଡିପଦାର ଦେବାଶିଷ ପରିଡ଼ା ଓ ରେବତୀରମଣର କାହ୍ନୁ ଚରଣ ଭୋଇ।

ମିଳିଥିବା ସୂଚନା ପ୍ରକାରେ ଚୋରା ବାଲି କାରବାର ବିବାଦକୁ ନେଇ ଅନ୍ୟ ଏକ ଗୋଷ୍ଠୀ ସହିତ ବେଲଙ୍କ ଗୋଷ୍ଠୀର ପୂର୍ବ ଶତ୍ରୁତା ରହିଥିଲା। ଘଟଣା ଦିନ ପୂର୍ବାହ୍ନରେ ଦୁଇ ଗୋଷ୍ଠୀ କୋରୁଆଁ ଛକରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଅନ୍ୟ ଗୋଷ୍ଠୀର ଜନୈକ ଯୁବକ ଆହତ ହୋଇଥିଲେ। ପ୍ରତିଶୋଧ ପରାୟଣ ହୋଇ ଅପରଗୋଷ୍ଠୀ ଆକ୍ରମଣ ଲାଗି ଯୋଜନା କରିଥିଲେ। ଘଟଣା ଦିନ ରାତିରେ ବେଲ ଏକାକୀ କୋରୁଆଁ ଛକ ନିକଟରେ ଥିବା ଆପାର୍ଟମେଣ୍ଟ ସ୍ଥିତ ଏକ ଘରେ ଶୋଇଥିଲେ। କୌଣସି ସୂତ୍ରରୁ ଖବରପାଇ ଅପରଗୋଷ୍ଠୀ ପହଞ୍ଚି ଶୋଇଥିବା ଅବସ୍ଥାରେ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଖବରପାଇ ସଦର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ଥାନାରେ ୨୭୨/୧୯ରେ ମାମଲା ରୁଜୁ କରିଥିଲା। ବିଭିନ୍ନ ସ୍ଥାନରେ ଚଢାଉ କରି ୩ଜଣଙ୍କୁ ଧରିଥିଲା। ପଚରାଉଚୁରା ବେଳେ ଅଟକ ଯୁବକ ଘଟଣା ସମ୍ପର୍କରେ ପୋଲିସ ଆଗରେ ସ୍ୱୀକାର କରିଥିଲେ ବୋଲି ଥାନାଧିକାରୀ ଦେବାଶିଷ ମିଶ୍ର କହିଛନ୍ତି। ଏସ୍‌ପି ଉମାଶଙ୍କର ଦାଶ କୁହନ୍ତି, ଏହି ଘଟଣାରେ ୫ରୁ ୬ଜଣ ବ୍ୟକ୍ତିଙ୍କ ହାତ ରହିଛି। ଘଟଣାର ତଦନ୍ତ ଜାରି ରହିଛି। ଖୁବ୍ ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ।





ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନରେ ଆସିଥିବା ନାକ୍ ଟିମ୍।

## ନାକ୍ ଟିମ୍‌ର ନିମାପଡ଼ା କଲେଜ ପରିଦର୍ଶନ

ନିମାପଡ଼ା,୧୫।୧୧(ଡି.ଏନ୍.ଏ):

ୟୁଜିସି ପକ୍ଷରୁ ଶୁକ୍ରବାର ଏକ ୪ଜଣିଆ ନାକ୍ ଟିମ୍ ଦୁଇ ଦିନିଆ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ଏଫ୍‌ଆରଏସ୍‌ସି ଲଣ୍ଡନର ଡି.ଏସ୍.ନାଗୀ, ମହାରାଷ୍ଟ୍ରର ପ୍ରଫେସର ରମାକାନ୍ତ କାପଲେ, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର କାନିତ୍ ଶ୍ରୀରାମୁଲ, ପର୍ଯ୍ୟବେକ୍ଷକ ବାଙ୍ଗାଲୋର ବିଶ୍ୱବିଦ୍ୟାଳୟର ପ୍ରଫେସର ହନୁମନ୍ତା ପା ପ୍ରମୁଖ ଏହି ନାକ୍ ଟିମରେ ଆସି କଲେଜର ବିଭିନ୍ନ ବିଭାଗ, ଲାଇବ୍ରେରୀ, ଲାବୋରୋଟୋରି, କମ୍ପ୍ୟୁଟର ଲାବ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ନାକ ଟିମ୍ ସିଧାସଳଖ ଛାତ୍ରୀଛାତ୍ରଙ୍କ ସହ ପାଠପଢା, ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଅଧାପିକା ଅଧାପକଙ୍କ ସହ ଆଲୋଚନା କରିଥିଲେ। ଏହା ସହ କଲେଜର କାଗଜପତ୍ର ଯାଞ୍ଚ କରିଥିଲେ। ଏହି ଅବସରରେ ନାକ୍ ଟିମ ପରିଚାଳନା କମିଟି ବୈଠକ, ଆଲୁମିନା କମିଟି ବୈଠକରେ ଯୋଗଦେଇଥିଲେ। ପରିଚାଳନା କମିଟି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ଏହା ପରେ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ପରୀକ୍ଷା ନିୟନ୍ତ୍ରକଙ୍କୁ ନେଇ ଆୟୋଜିତ ଆଲୋଚନାଚକ୍ରରେ ନାକ୍ ଟିମର ପ୍ରତିନିଧିମାନେ ଯୋଗଦେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। କଲେଜ ଅଧକ୍ଷ ରାଜକିଶୋର ରଥ, ପ୍ରଶାସନିକ ଅଧିକାରୀ ଜଗତ୍ ପ୍ରସାଦ ସାବୁତ କଲେଜର ବିଭିନ୍ନ କାର୍ଯ୍ୟ, ପରୀକ୍ଷା ପରିଚାଳନା ସମ୍ପର୍କରେ ନାକ୍ ଟିମକୁ ଅବଗତ କରାଇବା ସହ ରେକର୍ଡପତ୍ର ଦେଖାଇଥିଲେ। ନାକ୍ ଟିମ କଲେଜ ପରିଦର୍ଶନ ଓ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଥିବା ଅଧକ୍ଷ ରଥ କହିଛନ୍ତି। କଲେଜ ଅଧକ୍ଷ, ଅଧାପିକା, ଅଧାପକ, ଛାତ୍ରୀଛାତ୍ର, ପରିଚାଳନା ଓ ଆଲୁମିନା କମିଟି ପକ୍ଷରୁ ନାକ ଟିମକୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

■ ସତ୍ୟବାଦୀ ମହୋତ୍ସବ ପ୍ରସ୍ତୁତି ବୈଠକ

# ପଞ୍ଚସଖାଙ୍କ ଜ୍ୟୋତିଯାତ୍ରାର ବଢ଼ିବ ଆକର୍ଷଣ

ସାକ୍ଷୀଗୋପାଳ,୧୫।୧୧(ଡି.ଏନ.ଏ.)

ପୂର୍ବବର୍ଷଗୁଡ଼ିକ ଭଳି ୨୦୨୦ ଫେବୃୟାରୀ ୭ରୁ ୯ ତାରିଖ ତିନିଦିନ ବ୍ୟାପି ନୃତ୍ୟ ସଙ୍ଗୀତ ଓ ଲୋକନୃତ୍ୟର ସମାରୋହ ଷଷ୍ଠ ସତ୍ୟବାଦୀ ମହୋତ୍ସବ ଆୟୋଜନ କରାଯିବ ବୋଲି ସାକ୍ଷୀଗୋପାଳ ପାନ୍ଥଶାଳାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ଜନ୍ମପୀଠରୁ ଜ୍ୟୋତି ସଂଗ୍ରହ କରାଯିବ। ସାକ୍ଷୀଗୋପାଳ ବସନ୍ତାଣ୍ଡ ପଞ୍ଚସଖାଙ୍କ ନିକଟରୁ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ପଞ୍ଚଜ୍ୟୋତି ବଜାର ପରିକ୍ରମା ପରେ ସାକ୍ଷୀଗୋପାଳ ଠାକୁରଙ୍କ ଆଜ୍ଞାମାଳ ନେଇ ଉଦ୍‌ଘାଟନ କରାଯିବ। ନେତାଠାରୁ ଅଭିନେତା ସତ୍ୟବାଦୀର ପ୍ରତି ଗାଁରୁ କଳାକାର, ଯୁବକ, ମହିଳା ଓ କୃଷକମାନଙ୍କୁ ଏଥିରେ ସାମିଲ କରି ଏହାକୁ ଏକ ଗଣପର୍ବ ଭାବେ ପାଳନ କରିବାକୁ ଆଲୋଚନା ହୋଇଛି। ଦଳମତ ନିର୍ବିଶେଷରେ ସବୁ ଦଳର ସବୁ ବର୍ଗର ଲୋକଙ୍କୁ ଭାଇଚାରା ସମ୍ପର୍କରେ ଏକାଠି କରିବାକୁ ବୈଠକରେ ଯୋଗଦେଇ ମହୋତ୍ସବ କମିଟିର ଉପଦେଷ୍ଟା ତଥା ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ କହିଛନ୍ତି। ମୋଳା ପଡିଆରୁ ସାକ୍ଷୀଗୋପାଳ ଜାତୀୟ ରାଜପଥ ପର୍ଯ୍ୟନ୍ତ ଆଲୋକସଜ୍ଜା ଓ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର କରାଯିବ। ପ୍ରତ୍ୟହ ସନ୍ଧ୍ୟାରେ ପାରମ୍ପରିକ ନୃତ୍ୟ, ସଙ୍ଗୀତ, ଲୋକନୃତ୍ୟ ସହ ବଲିଉଡ କଳାକାରଙ୍କୁ ନେଇ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମେଳା ପଡିଆରେ ବିଭିନ୍ନ ଷ୍ଟଲ ଖୋଲାଯିବ। ମହୋତ୍ସବ କମିଟିକୁ ପ୍ରତି ଗାଁରୁ ୧୦ଜଣ ଯୁବ ସ୍ୱେଚ୍ଛାସେବୀ ଚୟନ ଓ ବିଭିନ୍ନ କମିଟିର ପୁନର୍ବିନ୍ୟାସ କରାଯାଇ ସୁପରିଚାଳନା ନିମନ୍ତେ ମତ ପ୍ରକାଶ ପାଇଛି। ସତ୍ୟବାଦୀ ମହୋତ୍ସବ କମିଟି ସଭାପତି ଜାନକୀ ବଲ୍ଲଭ ମିଶ୍ରଙ୍କ ସଭାପତିତ୍ୱରେ ସମ୍ପାଦକ ଜାନକୀ ବଲ୍ଲଭ ବରାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ନାରିକେଳ ବୋର୍ଡ ଅଧକ୍ଷ ବିଶ୍ୱନାଥ ରଥ, ଜୁଭେନାଇଲ ବୋର୍ଡ ସଦସ୍ୟ ଜୟଶ୍ରୀ ମହାପାତ୍ର, ରାମଶଙ୍କର ନନ୍ଦ, କାମକ୍ଷା ପ୍ରସାଦ ପ୍ରଧାନ, ହୃଷୀକେଶ ମିଶ୍ର, ବିଶ୍ୱଜିତ ଶତପଥୀ, ତ୍ରିଲୋଚନ ରଥ, ସରପଞ୍ଚ ବିଶ୍ୱଜିତ ମହାପାତ୍ର, ହରିହର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ କମିଟିର ସଂଯୋଜକ ଦୀପକ ଶତପଥୀ ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଏବଂ ଅନ୍ୟମାନେ।

### ୨୮ରୁ ୨ଦିନିଆ ଜିଲାସ୍ତରୀୟ ଯୁବ ମହୋତ୍ସବ

ପୁରୀ ଅଫିସ, ୧୫।୧୧:

ଆସନ୍ତା ୨୮ ଓ ୨୯ ୨ଦିନ ଧରି ସଂସ୍କୃତି ଭବନରେ ପୁରୀ ଜିଲାସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହେବ। ତେବେ ଏହାକୁ ସଫଳ ଭାବେ ଆୟୋଜନ କରିବା ନେଇ ଶୁକ୍ରବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାର ସମସ୍ତ ୧୧ଟି ବ୍ଲକ, ୩ଟି ବିଜ୍ଞାପିତ ଅଞ୍ଚଳ ଏବଂ ପୁରୀ ପୌରସଂସ୍ଥା ଅଧୀନ ୧୩ରୁ ୩୫ ବର୍ଷ ବୟସର ବାଳିକା ବାଳକ ଓ ଯୁବତୀ ଯୁବକ ଏଥିରେ ଅଂଶଗ୍ରହଣ କରିପାରିବେ। ଏଥିନିମନ୍ତେ ପୂର୍ବରୁ ପଞ୍ଜୀକରଣ କରିବାକୁ ପଡିବ। ସମସ୍ତ ପ୍ରତିଯୋଗୀଙ୍କ ରହିବା, ଖାଇବା ଏବଂ ଗସ୍ତ ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି। ଲୋକ ସଙ୍ଗୀତ, ଲୋକ ଗୀତ, ହିନ୍ଦୁସ୍ଥାନୀ, ବକ୍ତୃତା, ହାରମୋନିୟମ୍, ଶାସ୍ତ୍ରୀୟ ନୃତ୍ୟ, ସୀତାର, ବଂଶୀ, ତବଲା, ବୀଣା, ମୃଦଙ୍ଗ, ଗୀତାର ଉପରେ ପ୍ରତିଯୋଗିତା କରାଯିବ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଆଲୋଚନା କରାଯାଇଥିଲା। ବୈଠକରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓ ବିଭିନ୍ନ ବ୍ଲକର ବିଜୁ ଯୁବ ବାହିନୀ ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରତିଭା ଅନ୍ୱେଷଣ ସମାରୋହ

ନିମାପଡ଼ା,୧୫।୧୧(ଡି.ଏନ୍.ଏ): ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ(ପିପିଡବ୍ଲ୍ୟୁଓ) ପକ୍ଷରୁ ପ୍ରତିଭା ଅନ୍ୱେଷଣ ସମାରୋହ-୨୦୧୯ ଗୁରୁବାର ଟାଉନ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ରାଜ୍ୟ ମହିଳା ଆୟୋଗର ଆୟୁକ୍ତ ଡ. ମିନତି ବେହେରା, ସାମାଜିକ କର୍ମୀ ଜଗଦାନନ୍ଦ, ଶିରିଶ ଚନ୍ଦ୍ର ଦାଶ, ଡ. ସ୍ୱର୍ଣ୍ଣଲତା ମିଶ୍ର, ସରୋଜିନୀ ଦାଶ, ଡ. ଯଦୁନାଥ ପ୍ରସାଦ ଦାଶ, ରାଧାକାନ୍ତ ଦାସ, ପ୍ରସନ୍ନ ହୋତା, ପ୍ରିୟରଞ୍ଜନ ଦାସ, ପ୍ରଭାକର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଗୌରବ ଦାସ, ଫ୍ୟାଶନ ଶୋ ରେ ପ୍ରଥମ ଶାଶ୍ୱତ ନିଶାଙ୍କ, ସଙ୍ଗୀତରେ ପ୍ରଥମ ଆଦ୍ୟାଶା ମହାନ୍ତି, ନୃତ୍ୟରେ ଶୁଭମ ଭୋଇ, ପ୍ରବନ୍ଧରେ ଶୁଭ୍ରାଂଶୁ ଶେଖର ସାହୁଙ୍କ ସମେତ ୯୩ଜଣଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ରାଜକିଶୋର ସାବୁତ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ।

## ଜାତୀୟ କୁଷ୍ଠ ନିରାକରଣ ଅଭିଯାନ କର୍ମଶାଳା

କୋଣାର୍କ,୧୫।୧୧(ଡି.ଏନ.ଏ.)

କୋଣାର୍କସ୍ଥିତ ଡାକ୍ତରଖାନା ପରିସରରେ ଶୁକ୍ରବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଣାର୍କର ମୁଖ୍ୟ ଡା. ରାମେଶ୍ୱର ଯେନା ଓ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶିବପ୍ରସାଦ ମଙ୍ଗରାଜ ଯୋଗଦେଇ କୁଷ୍ଠ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ଉପରେ ସଚେତନ କରିଥିଲେ। ପରେ ଗୋପ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ଅଧିକାରିଣୀ ସଂଯୁକ୍ତା ମିଶ୍ର କୁଷ୍ଠ ରୋଗ ଚିହ୍ନଟ ଅଭିଯାନର ସମସ୍ତ କାର୍ଯ୍ୟକ୍ରମ କିପରି କରାଯିବ ସେ ବିଷୟରେ ଉପସ୍ଥିତ ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ବୁଝାଇଥିଲେ। ୧୦ଦିନ ମଧ୍ୟରେ ୧୬ଜଣ ଅଙ୍ଗନୱାଡି କର୍ମୀ କୋଣାର୍କ ଏନ୍‌ଏସି ଓ ସୁତନ ଗ୍ରାମରେ ଘର ଘର ବୁଲି ସର୍ବେକ୍ଷଣ କରିବେ ଓ କୁଷ୍ଠରୋଗର ଲକ୍ଷଣ ଥିବା ଲୋକଙ୍କୁ ଚିହ୍ନଟ କରି ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେଇ ବିନାମୂଲ୍ୟରେ ଔଷଧ ଦେବାପାଇଁ ବ୍ୟବସ୍ଥା କରାଇବେ। ସମସ୍ତ ଉଚ୍ଚ ବିଦ୍ୟାଳୟରେ ଏହି ସଚେତନ କରାଯିବ। ଏହି ଅଭିଯାନଟିକୁ ଲୋକାଭିମୁଖୀ କରିବା ପାଇଁ ଗୋପ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୧୬ନଭେମ୍ବର ଠାରୁ କୋଣାର୍କ ଏନ୍‌ଏସିର ସମସ୍ତ ଅଞ୍ଚଳରେ ଏକ ପ୍ରଚାର ଗାଡି ବୁଲିବ। କାର୍ଯ୍ୟକ୍ରମକୁ ଗୋପ ଏନ୍‌ଏଚ୍‌ଏମର ବିପିଏମ କୃତିବିଭା ମହାନ୍ତି, ହିରାମଣୀ ନାୟକ, ଆଶିଷ ସେଠୀ ଓ ବିଲାସିନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

■ ୧୭ରେ ଜିଲାସ୍ତରୀୟ ପାରା ଆଥଲେଟ୍ ମିଟ୍

# ଭାଗ ନେବେ ୪୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ କ୍ରୀଡ଼ାବିତ୍

ପୁରୀ ଅଫିସ, ୧୫।୧୧:

ଆସନ୍ତା ୧୭ ତାରିଖରେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ ଜିଲାସ୍ତରୀୟ ପାରା ଆଥଲେଟ୍ ମିଟ୍। ଫନୀ କ୍ଷତିଗ୍ରସ୍ତ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ଆରମ୍ଭ ହୋଇଥିବା ପ୍ରଫୁଲ୍ଲ ଯୋଜନା ଏବଂ ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ଓ ସାମାଜିକ ସୁରକ୍ଷା ବିଭାଗ ମିଳିତ ସହଯୋଗରେ ଦିବ୍ୟାଙ୍ଗ ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କୁ ଚୟନ କରାଯିବ। ଫଳରେ ସେମାନେ ରାଜ୍ୟ ତଥା ଜାତୀୟସ୍ତରରେ ସେମାନଙ୍କ ପ୍ରତିଭା ଦେଖାଇ ପ୍ରତିଷ୍ଠିତ ହୋଇପାରିବେ। ଏଥିରେ ପୁରୀ ଜିଲାର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ୧୮ ବର୍ଷରୁ କମ୍ ବୟସର ଭିନ୍ନକ୍ଷମମାନଙ୍କ ଲାଗି ଆୟୋଜିତ ହେବାକୁ ଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ଟ୍ରାଇସାଇକେଲ ରେସ୍, ହୁଇଲ୍‌ଚେୟାର ରେସ୍, ଶଟପୁଟ୍, ସଫ୍ଟବଲ, ଦୌଡ଼, ଲମ୍ଫ ପ୍ରଦାନ, ଚେସ୍ ଆଦି ୫୦ରୁ ଊର୍ଦ୍ଧ୍ୱ ପ୍ରକାର ଖେଳ ସହିତ ଦୃଷ୍ଟିବାଧିତଙ୍କ ପାଇଁ ସ୍ୱତନ୍ତ୍ର କ୍ରିକେଟ ଆୟୋଜିତ ହେବ। ଅନ୍ୟ ସବୁ ଖେଳ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆୟୋଜିତ ହେବାକୁ ଥିବାବେଳେ କ୍ରିକେଟ ଜିଲା ସ୍କୁଲ ପଡ଼ିଆରେ ଖେଳାଯିବ। ସେହିପରି ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ବକ୍ତୃତା, ଚିତ୍ରାଙ୍କନ, ଝୋଟି, ଗ୍ରୁପ୍ ଡ୍ୟାନ୍ସ ଇତ୍ୟାଦି ପ୍ରତିଯୋଗିତା ମଧ୍ୟ କରାଯିବ। ସକାଳ ସାଢେ ୯ଟାରେ ଜିଲାପାଳ ବଲୱନ୍ତ ସିଂ ଏହାକୁ ଉଦ୍‌ଘାଟନ କରିବେ। ଏହାକୁ ୧୦୦ରୁ ଊର୍ଦ୍ଧ୍ୱ ଅଫିସିଆଲ ପରିଚାଳନା କରିବେ। ଏହି ଅବସରରେ ପ୍ରଫୁଲ୍ଲ ଯୋଜନାର ଥିମ୍ ସଙ୍ଗ୍ ରିଲିଜ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲା ସମାଜ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ ଏବଂ ଜିଲା କ୍ରୀଡ଼ା ଅଧିକାରୀ ସାହୁ ଜଣାଇଛନ୍ତି।

## ନିଷ୍ଠା, ଏକାଗ୍ରତା ସଫଳତାର ମାପକାଠି

ପୁରୀ ଅଫିସ, ୧୫।୧୧:

ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଚତୁର୍ଦ୍ଦଶତମ ବାର୍ଷିକୋତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା ସଭାପତି ଭକ୍ତଚରଣ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜ୍ଞାନର ପରିସୀମା ବିକଶିତ କରିବାକୁ ଆହ୍ୱାନ ଦେଇଥିଲେ। ନିଷ୍ଠା ଓ ଏକାଗ୍ରତା ସଫଳତାର ମାପକାଠି ବୋଲି ସେ କହିଥିଲେ। ଭାଷାବିତ୍ କୈଳାସ ଟିକାୟତରାୟ, ନାଟ୍ୟକାର ପ୍ରସନ୍ନ ମିଶ୍ର, ବିଜେଡି ନଗର ସଭାପତି ଭକ୍ତଚରଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ପଞ୍ଚାନନ ସୁର, ଚିତ୍ରଶିଳ୍ପୀ ଦେବରାଜ ଗୌଡ଼, ସଙ୍ଗୀତଜ୍ଞ ଲିଙ୍ଗରାଜ ମିଶ୍ର, ପ୍ରିୟବ୍ରତ ରାୟ, ବରିଷ୍ଠ ଖବରଦାତା ଜଗନ୍ନାଥ ବସ୍ତିଆ, କୁମର ମହାପାତ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ୪ ଦଫା ଦାବିରେ ତହସିଲ ଅଫିସ ଆଗରେ ଗଣଧାରଣା





ଧାରଣାରେ ବସିଥିବା ହିତାଧିକାରୀମାନେ।

ନିମାପଡ଼ା,୧୫।୧୧(ଡି.ଏନ୍.ଏ):

ନିମାପଡ଼ା ବ୍ଲକ ଅନ୍ତର୍ଗତ ଶଗଡ଼ା ପଞ୍ଚାୟତବାସୀ ଶୁକ୍ରବାର ୪ଦଫା ଦାବି ନେଇ ସ୍ଥାନୀୟ ତହସିଲ ଅଫିସ ଆଗରେ ବିକ୍ଷୋଭ କରିବା ସହ ଗଣଧାରଣା ଦେଇଥିଲେ। ବାତ୍ୟା ଫନୀରେ ଘରଭଙ୍ଗା ତଦନ୍ତରେ ଅନିୟମିତତା ଓ ଘରଭଙ୍ଗା ସହାୟତା ପ୍ରଦାନରେ ବିଳମ୍ବ, କେଉଁ ହିତାଧିକାରୀ କେତେ ଟଙ୍କା ପାଇଛନ୍ତି ତାହା ସାର୍ବଜନୀନ କରାଯିବା ଆଦି ଦାବିଗୁଡ଼ିକ ଅନ୍ତର୍ଭୁକ୍ତ। ଏହି ଅବସରରେ ଏକ ଦାବିପତ୍ର ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର କମଳଜିତ ଦାସଙ୍କୁ ପ୍ରଦାନ କରାଯାଇଥିଲା। ବିଜୟ ପ୍ରଧାନ, ମାନସ ପ୍ରଧାନ, ଯତୀନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ପ୍ରଧାନ, ଝିଲିଲତା ଦାସ, କଳ୍ପନା ମେକାପ, ସସ୍ମିତା ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି ଗଣଧାରଣା ଦିଆଯାଇଥିଲା।

### ଘରଭଙ୍ଗା ଦୁର୍ନୀତି ଘଟଣା: ପୁଣି ତଦନ୍ତ ଆରମ୍ଭ

ଗୋପ,୧୫।୧୧(ଡି.ଏନ୍.ଏ.)

ଗୋପ ତହସିଲରେ ଘରଭଙ୍ଗା ସହାୟତାରେ ଅଯୋଗ୍ୟ ହିତାଧିକାରୀଙ୍କ ଜମାଖାତାକୁ ୯୫ ହଜାର ୧୦୦ ଟଙ୍କା ଯାଇଛି। ଏହାର ଠିକ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ଯୋଗ୍ୟ ବିପନ୍ନମାନଙ୍କୁ ସାମିଲ କରିବା ଲାଗି ଶୁକ୍ରବାର ପୁନଃ ତଦନ୍ତ ଆରମ୍ଭ ହୋଇଥିବା ତହସିଲ ପକ୍ଷରୁ ସୂଚନା ମିଳିଛି। ଏହି ତହସିଲ ଅଧୀନ ୧୪ଟି ସର୍କଲରେ ଫନୀ ପରେ କରାଯାଇଥିବା ତଦନ୍ତରେ ଅନିୟମିତତା ହେବା ସହ ଧନୀଶ୍ରେଣୀ, ଚାକିରିଆ ବର୍ଗର ଲୋକଙ୍କୁ ସାମିଲ କରାଯାଇଥିଲା। ଏପରିକି ପ୍ରକୃତ ବିପନ୍ନ ଏଥିରୁ ବଞ୍ଚିତ ଥିବାବେଳେ ସେମାନଙ୍କୁ ୯୫ ହଜାର ଏକ ଶହେ ବଦଳରେ ୩୨୦୦ ଓ ୫୨୦୦ ଟଙ୍କା ମିଳିଥିଲା। ଏ ନେଇ ବଞ୍ଚିତ ବିପନ୍ନମାନେ ବାରମ୍ବାର ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଥିଲା।

## ଜଙ୍କିଆ-ଗଡ଼ିଶାଗୋଦା ଦୟା ନଦୀବନ୍ଧ ରାସ୍ତା ଶୋଚନୀୟ

କଣାସ, ୧୫।୧୧(ସ୍ୱ.ପ୍ର.)



ଜଙ୍କିଆ ବଜାରଠାରୁ ଗଡ଼ିଶାଗୋଦାକୁ ଯାଇଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

କଣାସ ବ୍ଲକ ଅର୍ନ୍ତଗତ ନୂଆ ଜଗନ୍ନାଥ ସଡ଼କର ଜଙ୍କିଆ ବଜାରଠାରୁ ଗଡିଶାଗୋଦାକୁ ଯାଇଥିବା ଦୟାନଦୀର ବାମପାର୍ଶ୍ୱ ନଦୀବନ୍ଧ ୮ କି.ମି. ରାସ୍ତା ଶୋଚନୀୟ ହୋଇପଡିଥିବାରୁ ଯାନବାହନ ଯିବା ଦୂରେଥାଉ ପାଦରେ ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡିଛି। ରାସ୍ତା ସାରା ପିଚୁ ଉଠିଯିବାରୁ ବଡ ବଡ ଖାଲ ହୋଇ ବର୍ଷା ସମୟରେ ପାଣି ଜମା ହୋଇ ରହୁଛି। ରାସ୍ତା ଅଧିକ ନଷ୍ଟ ହୋଇଯାଇଥିବାରୁ ଦୈନନ୍ଦିନ ଯାନବାହନ ଯିବା ସମୟରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ଗଡସାହି, ଗଡିଶାଗୋଦା, ଜାମଳଗୋଦା, ଆଳିବାଡ, କାଦୁଆ ଗ୍ରାମପଞ୍ଚାୟତର ଶହ ଶହ ଜନସାଧାରଣ କଣାସ ଡାକ୍ତରଖାନା, କଣାସ ତହଦସିଲ୍ ଅଫିସ୍, କଣାସ ପଞ୍ଚାୟତ କାର୍ଯ୍ୟାଳୟ, କଣାସ କୃଷି କାର୍ଯ୍ୟାଳୟ, କଣାସ ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ, ପାନୀୟ ଜଳଯୋଗାଣ କାର୍ଯ୍ୟାଳୟକ ଆସିଥାନ୍ତି। କଣାସ ଓ ଦୟାବିହାର ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଏହି ରାସ୍ତାଦେଇ ଦୈନନ୍ଦିନ ସାଇକେଲ୍ ଓ ମଟରସାଇକେଲରେ ଯିବା ଆସିବା କରନ୍ତି। ଏହି ରାସ୍ତା ସମ୍ପର୍କରେ ଜଳ ସେଚନ ବିଭାଗ, ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ପଚାରିବାରୁ ରାସ୍ତା ମରାମତି ପାଇଁ ଅର୍ଥ ବରାଦ ହୋଇ ନ ଥିବାରୁ ରାସ୍ତାମରାମତି ହୋଇ ପାରୁନାହିଁ ବୋଲି କହିଥିଲେ।